

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 AUGUST 2020
Vol.No. 30 ■ No. 209■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


## ଆଜି ଯୁକ୍ତ ୨ ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର,୧୮।୮ (ନି.ପ୍ର): ଆସନ୍ତାକାଲି (ବୁଧବାର) ଯୁକ୍ତ ୨ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ୧୯ ତାରିଖ ପୂର୍ବାହ୍ନ ୧୧ ଟା ୩୦ରେ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀମାନେ 'www.orissaresults.nic.in ୱେବ୍ ସାଇଟ୍ ରେ ସେମାନଙ୍କ ରେଜଲ୍ଟ ଦେଖିପାରିବେ। ସେହିପରି ଅଗଷ୍ଟ ଶେଷ ସପ୍ତାହରେ ଯୁକ୍ତ ୨ ର କଳା ରେଜଲ୍ଟ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଚଳିତ ମାସ ୧୨ ତାରିଖରେ ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇଥିଲା।

## ଆଜି ପ୍ରକାଶ ପାଇବ ମଦ୍ରାସା ବୋର୍ଡ ପରୀକ୍ଷା ଫଳ

ଭୁବନେଶ୍ୱର,୧୮।୮ (ନି.ପ୍ର): ଓଡ଼ିଶା ମଦ୍ରାସା ବୋର୍ଡ ଅଧିନରେ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫଳ ଆସନ୍ତା କାଲି ୧୯ତାରିଖରେ ପ୍ରକାଶ ପାଇବ । ଏ ସମ୍ବନ୍ଧରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ପରୀକ୍ଷା ଫଳ ପ୍ରକାଶର ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଓଡ଼ିଶା ମଦ୍ରାସା ବୋର୍ଡ ଅଧିନରେ ପରୀକ୍ଷା ଦେଇଥିବା ମାଟ୍ରିକ୍ ଠାରୁ ଆରମ୍ଭ କରି ପି.ଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫଳ ପ୍ରକାଶ ପାଇବ ।

ପ୍ରକାଶ ଥାଉକି, ଏଥିରେ ମୌଲବୀ (ମାଟ୍ରିକ୍), ମାହିର (ଯୁକ୍ତ ଦୁଇ), ଆଲିମ୍ (ଯୁକ୍ତ ତିନି)ଫାଜିଲ୍ (ପି.ଜି) ପାଠ୍ୟକ୍ରମର ଫଳାଫଳ ପ୍ରକାଶ ପାଇବ ବୋଲି ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ସୂଚନା ଦିଆଯାଇଛି ।

# ବଙ୍ଗୋପସାଗରରେ ଲଘୁଚାପ : ୨୩ ଯାଏଁ ସାରା ରାଜ୍ୟରେ ବର୍ଷିବ



ଭୁବନେଶ୍ୱର,୧୮।୮ (ନି.ପ୍ର): ଉତର- ପୂର୍ବ ବଙ୍ଗୋପସାଗର ଓ ନିକଟବର୍ତୀ ଅଂଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତର ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଉତର ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ଜିଲ୍ଲା ସମେତ ଓଡିଶାର ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ହାଲୁକା ଏବଂ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବରଗଡ, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ଅନୁଗୁଳ, ମୟୂରଭଞ୍ଜ, ବଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହି ଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ୨୦ ତାରିଖରେ ସମ୍ବଲପୁର, ଦେବଗଡ, ଅନୁଗୁଳ, ଢ଼େଙ୍କାନାଳ, ସୁନ୍ଦରଗଡ, କଟକ, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, କେନ୍ଦୁଝର, ବଲାଙ୍ଗୀର, ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ଅନୁଗୁଳ, ଦେବଗଡ, ସମ୍ବଲପୁର ଜିଲ୍ଲା ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏତଦବ୍ୟତୀତ କଳାହାଣ୍ଡି, କୋରାପୁଟ ମୟୂରଭଞ୍ଜ, ବାଲେଶ୍ୱର, ଝାରସୁଗୁଡା, ବରଗଡ, ଜଗତସିଂହପୁର, ବୌଦ୍ଧ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଦୃଷ୍ଟିରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୧ ତାରଖରେ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲା ତଥା ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ହାଲୁକା ଏବଂ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ଥିବାବେଳେ ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ବଲାଙ୍ଗୀର, ନୂଆପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ▶▶ପୃଷ୍ଠା ୭

## ଆଗାମୀ ମନ କି ବାତ ପାଇଁ ଲୋକ ମାନଙ୍କଠାରୁ ମତାମତ ମାଗିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୮।୮ (ନି.ପ୍ର): ଆଗାମୀ ୩୦ ଅଗଷ୍ଟରେ ହେବାକୁ ଥିବା ଚଳିତ ମାସର ମନ କି ବାତ କାର୍ଯ୍ୟକ୍ରମ ପାଇଁ ଲୋକ ମାନଙ୍କ ମତାମତ ମାଗିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ କରି କହିଛନ୍ତି ଯେ ଲୋକ ମାନେ ୧୮୦୦-୧୧-୭୮୦୦ରେ ମେସେଜ ରେକର୍ଡ କରାଇ କିମ୍ବା ନମୋ ଆପ ବା ମାଇ ଗଭରେ ଲେଖି ମତାମତ ଜଣାଇ ପାରିବେ ।

## ସତ୍ୟପାଲ ମଲିକ ମେଘାଳୟର ରାଜ୍ୟପାଳ ନିଯୁକ୍ତ



ନୂଆଦିଲ୍ଲୀ,୧୮।୮ (ନି.ପ୍ର): ବର୍ତ୍ତମାନ ଗୋଆର ରାଜ୍ୟପାଳ ଥିବା ସତ୍ୟପାଲ ମଲିକଙ୍କୁ ମେଘାଳୟର ରାଜ୍ୟପାଳ ଭାବେ ବଦଳି କରାଯାଇଛି। ସେହିପରି ମହାରାଷ୍ଟ୍ରର ରାଜ୍ୟପାଳ ଭଗତ ସିଂହ କୋଶିୟାରିଙ୍କୁ ଗୋଆର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ଦିନ ରାଷ୍ଟ୍ରପତି ଭବନରୁ ଏକ ବିବୃତି ଜାରି କରାଯାଇ ଏହି ସୂଚନା ଦିଆଯାଇଛି। ମେଘାଳୟର ରାଜ୍ୟପାଳ ଥିବା ତଥାଗତ ରାୟ ନିଜର କାର୍ଯ୍ୟକାଳ ପୂର୍ଣ୍ଣ କରି ସାରିଥିବାରୁ ଶ୍ରୀ ମଲିକ ପରବର୍ତୀ ରାଜ୍ୟପାଳ ଭାବେ ତାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ରାୟ ତ୍ରିପୁରାରେ ମଧ୍ୟ ତିନି ବର୍ଷ ରାଜ୍ୟପାଳ ଭାବେ ଅଧିଷ୍ଠିତ ହୋଇଥିଲେ। ଶ୍ରୀ ମଲିକ ମଧ ଅଗଷ୍ଟ ୨୦୧୮ରୁ ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀରର ରାଜ୍ୟପାଳ ଥିଲେ। ପାର୍ଲାମେଂଟରେ ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଚିଠା ଗୃହୀତ ହୋଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଂଚଳ ଗଠିତ ହେବା ପରେ ମଲିକଙ୍କୁ ଗୋଆର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ଶ୍ରୀ ମଲିକ କିଛି ଦିନ ପାଇଁ ଓଡିଶା ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ।

### ମୋଦି ସରକାରଙ୍କ କୃଷି ନୀତି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ଚାଷୀଙ୍କ ପାଇଁ ଅନେକ ସମ୍ଭାବନାର ସମ୍ଭାର ଆଣିବ ମୋଦି ସରକାରଙ୍କ କୃଷି ସଂସ୍କାର : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୮।୮ (ନି.ପ୍ର): ଦେଶ ତଥା ଓଡ଼ିଶାର କୃଷି କ୍ଷେତ୍ରରେ ମୋଦି ସରକାରଙ୍କ ଉଦ୍ୟମ ଏବଂ ନିକଟରେ ହୋଇଥିବା କୃଷି ସଂସ୍କାର ଓଡ଼ିଶା ତଥା ଦେଶର କୃଷକଙ୍କ ପାଇଁ ଅନେକ ସମ୍ଭାବନାର ସମ୍ଭାର ଆଣିବ ଏବଂ ଆତ୍ମନିର୍ଭର କୃଷି ଏବଂ ଆତ୍ମନିର୍ଭର ଭାରତ ନିର୍ମାଣରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାରଙ୍କ କୃଷି ନୀତି ଓ ଏକ୍ଷେତ୍ରରେ ହୋଇଥିବା ସଂସ୍କାର ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଆତ୍ମନିର୍ଭର ଚାଷୀ ଏବଂ ଆତ୍ମନିର୍ଭର କୃଷି କ୍ଷେତ୍ର ବିନା ଆତ୍ମନିର୍ଭରଶୀଳ ଭାରତର ଲକ୍ଷ୍ୟ କଳ୍ପନା କରାଯାଇପାରିବ ନାହିଁ ବୋଲି ଐତିହାସିକ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଠିକ୍ ଭାବରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଗତ ୬ ବର୍ଷ ମଧ୍ୟରେ ମୋଦି ସରକାର ଦେଶର ଚାଷୀ ମାନଙ୍କ ଉନ୍ନତି ପାଇଁ ନିରନ୍ତର ଉଦ୍ୟମ କରିଛନ୍ତି। ଚାଷୀଙ୍କ କଲ୍ୟାଣ ତଥା ଆମ କୃଷି କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ମୋଦି ସରକାର କଟିବଦ୍ଧ ଏବଂ ଏଥିପାଇଁ ସର୍ବଦା ▶▶ପୃଷ୍ଠା ୭

### କରୋନାରେ ଦେଶରେ ଗତ ୨୪ ଘଂଟାରେ ୫୫,୦୭୯ ନୂଆ ମାମଲା: ୮୭୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୮।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୫,୦୭୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୭୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୭,୦୨,୭୪୩ ରେ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୬୭୩,୧୬୬ ସକ୍ରିୟ ରୋଗୀ ଅଛନ୍ତି ।

## ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩୬୨ ହେଲା



ଭୁବନେଶ୍ୱର,୧୮।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୬୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରୁ ୩ ଜଣ. ରାୟଗଡା ଜିଲ୍ଲାରୁ ୨ ଜଣ ତଥା ଖୋର୍ଧା,ବାଲେଶ୍ୱର, ସମ୍ବଲପୁର ଓ ମାଲକାନଗିରିରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେହିପରି ଭୁବନେଶ୍ୱରର ଜଣେ ଜଣେ ୮୧ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ▶▶ପୃଷ୍ଠା ୭

## ହୀରାକୁଦର ୧୮ ଗେଟ୍ ଖୋଲା



ଭୁବନେଶ୍ୱର,୧୮।୮ (ନି.ପ୍ର): ଲଗାଣ ବର୍ଷାଯୋଗୁଁ ଜଳ ସ୍ତର ବୃଦ୍ଧି ପାଇଥିବାରୁ ହୀରାକୁଦ ଡ୍ୟାମ୍ ର ୧୮ ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ମଙ୍ଗଳବାର ସଂଧ୍ୟା ସୁଦ୍ଧା ଡ୍ୟାମ୍ ରେ ଜଳସ୍ତର ୬୧୫.୭୩ ଫୁଟ୍ ରହିଥିଲା। ଜଳଭଣ୍ଡାର ମଧ୍ୟକୁ ୨,୬୩,୩୮୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୨,୯୧,୯୮୫ କ୍ୟୁସେକ୍ ଜଳ ୧୮ ଟି ଗେଟ୍ ଦେଇ ନିଷ୍କାସିତ ହେଉଛି। ଖଇରାମାଳ ଠାରେ ୪,୭୨୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳ ଠାରେ ୩,୮୧,୨୫୦ କ୍ୟୁସେକ୍ ଓ ମୁଣ୍ଡଳୀ ଠାରେ ୪,୭୪,୬୨୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ରାଜ୍ୟର ଅନ୍ୟ ନଦୀ ଗୁଡିକର ଜଳ ସ୍ତର କମୁଥିବା ବେଳେ ଦେବୀ ନଦୀ ଆଳିପିଙ୍ଗଳ ଠାରେ ଓ ସୁବର୍ଣ୍ଣରେଖା ନଦୀ ରାଜଘାଟ ଠାରେ ବୃଦ୍ଧି ପାଉଥିବା ସୂଚନା ମିଳିଛି।

## ଉପନିର୍ବାଚନ : ପ୍ରାର୍ଥୀ କିଏ ହେବ ଦଳ ନିଷ୍ପତ୍ତି ନେବ: ସୁର ରାଉତରାୟ

ଭୁବନେଶ୍ୱର,୧୮।୮ (ନି.ପ୍ର): ତିର୍ତୋଲ ଓ ବାଲେଶ୍ୱର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଚୂଡାନ୍ତ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଛି। ଗତ କାଲି ଚିରଞ୍ଜୀବ ବିଶ୍ୱାଳଙ୍କ ସହ କଂଗ୍ରେସର ଏକ ଟିମ ତିର୍ତୋଲ ଯାଇଥିଲୁ। ପୂର୍ବତନ ସାଂସଦ ଲକ୍ଷ୍ମଣ ମଲ୍ଲିକଙ୍କ ପୁଅ ଓ ଝିଅ ଉଭୟ ପାର୍ଥୀ ହେବାପାଇଁ ଆଶାୟୀ ଅଛନ୍ତି। ସେହିପରି ବାଲେଶ୍ୱର ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ହିଁ ଶ୍ରେଷ୍ଠ ପ୍ରାର୍ଥୀ । ତେବେ ପ୍ରାର୍ଥୀ କିଏ ହେବ ସେସମ୍ପର୍କରେ ଦଳ ନିଷ୍ପତି ନେବ ବୋଲି ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଲିଙ୍ଗରାଜ ମନ୍ଦିର ପାଇଁ ଆମକୁ ଯେଉଁ ଚିତ୍ର ରାଜ୍ୟ ସରକାର ଦେଖେଇ ଛନ୍ତି ତାହା ବାସ୍ତବ ରେ ପରିଣତ ହେଲେ ରାଜ୍ୟ ସରକାର ଙ୍କୁ ଧନ୍ୟବାଦ। ବର୍ତମାନ ଯାଏଁ କେବଳ ମନ୍ଦିର ବାହାର କୁ ସଫା କରାଯାଇଛି। କାମ ବିଶେଷ ହୋଇନି ।ବସଷ୍ଟାଣ୍ଡ ଠୁ ନେଇ ଯାତ୍ରୀ ନିବାସ ଏ ସବୁ ହୋଇପାରିଲେ ଭଲ । ହେଲେ ବିକାଶ କେବଳ ଚିତ୍ର ରେ ସୀମିତ ନରହି କାମରେ ହେଉ ବୋଲି ବିଧାୟକ ଶ୍ରୀ ରାଉତରାୟ କହିଛନ୍ତି।

## ଲକ୍ ଡାଉନ ପାଇଁ ପଶ୍ଚିମବଙ୍ଗକୁ ପ୍ରଭାବିତ ହେବ ଟ୍ରେନ ଚଳାଚଳ



ଭୁବନେଶ୍ୱର,୧୮।୮ (ନି.ପ୍ର): ପଶ୍ଚିମବଙ୍ଗ ରାଜ୍ୟରେ ଅଗଷ୍ଟ ର ୨୦, ୨୧, ଓ ୨୭ ତାରିଖରେ ସମ୍ପୂର୍ଣ୍ଣ ଲକ୍ ଡାଉନ ହେଉଥିବାରୁ ଟ୍ରେନ ସେବା ପ୍ରଭାବିତ ହେବା ନେଇ ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

ହାଓଡ଼ାରୁ ଛାଡୁଥିବା ୦୨୨୪୫ ହାଓଡ଼ା-ଯଶୋବନ୍ତପୁର ଦୁରନ୍ତ ସ୍ପେସିଆଲ ଟ୍ରେନ୍ ୨୧ ଅଗଷ୍ଟ ତାରିଖ ଦିନ ବାତିଲ ରହିବ। ଯଶୋବନ୍ତପୁରରୁ ଛାଡୁଥିବା ୦୨୨୪୬ ଯଶୋବନ୍ତପୁର -ହାଓଡ଼ା ଦୁରନ୍ତ ସ୍ପେସିଆଲକୁ ୨୦ ଅଗଷ୍ଟ ଦିନ ବାତିଲ କରାଯିବ। ସିଆଲଦାରୁ ଛାଡୁଥିବା ୦୨୨୦୧ ସିଆଲଦା -ଭୁବନେଶ୍ୱର ଦୁରନ୍ତ ସ୍ପେସିଆଲକୁ ୨୧, ୨୮ ଓ ୩୧ ଅଗଷ୍ଟ ଦିନ ବାତିଲ କରାଯିବ ।ସେହିପରି ଭୁବନେଶ୍ୱରରୁ ଛାଡୁଥିବା ୦୨୨୦୨ ଭୁବନେଶ୍ୱର -ସିଆଲଦା ଦୁରନ୍ତ ସ୍ପେସିଆଲକୁ ୨୨, ୨୯ ଅଗଷ୍ଟ ଏବଂ ସେପ୍ଟେମ୍ବର ପହିଲା ଦିନ ବାତିଲ କରାଯିବ। ୦୨୦୭୪/୦୨୦୭୩ ଭୁବନେଶ୍ୱର -ହାଓଡ଼ା -ଭୁବନେଶ୍ୱର ଜନ ଶତାବ୍ଦୀ ସ୍ପେସିଆଲକୁ ୨୦, ୨୧ ଓ ୨୭ ଅଗଷ୍ଟ , ୨୦୨୦ ତାରିଖ ଗୁଡିକରେ ଉଭୟ ଭୁବନେଶ୍ୱର ଓ ହାଓଡ଼ା ଦିଗରୁ ବାତିଲ କରାଯିବ। ଆଂଶିକ ବାତିଲ ହେଉଥିବା ଟ୍ରେନ ମଧ୍ୟରେ ୧୯, ୨୦ ଓ ୨୬ ଅଗଷ୍ଟରେ ସିକନ୍ଦରାବାଦରୁ ଛାଡୁଥିବା ୦୨୭୦୪ ସିକନ୍ଦରାବାଦ -ହାଓଡ଼ା ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ଏହାର ଯାତ୍ରା ଭୁବନେଶ୍ୱର ଠାରେ ସମାପ୍ତ କରିବ ଏବଂ ହାଓଡ଼ା ପର୍ଯ୍ୟନ୍ତ ଯିବ ନାହିଁ । ୨୦, ୨୧ ଓ ୨୭ ତାରିଖ ମାନଙ୍କରେ ହାଓଡ଼ା ରୁ ଛାଡୁଥିବା ୦୨୭୦୩ ହାଓଡ଼ା -ସିକନ୍ଦରାବାଦ ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ହାଓଡ଼ା ପରିବର୍ତେ ଭୁବନେଶ୍ୱରରୁ ଛାଡିବ ଏବଂ ଏହି ତାରିଖ ଗୁଡିକରେ ଏହା ହାଓଡ଼ାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବାତିଲ ରହିବ। ଏହା ବ୍ୟତୀତ ଭୁବନେଶ୍ୱରରୁ ▶▶ପୃଷ୍ଠା ୭

## ଟ୍ୱିନ୍ ସିଟିରେ ଗଣେଶ ପୂଜା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଭୁବନେଶ୍ୱର,୧୮।୮ (ନି.ପ୍ର): ଭୁବନେଶ୍ୱର ଓ କଟକ ରେ ଗଣେଶ ପୂଜା ହେବା ନେଇ ହାଇକୋର୍ଟର ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଟ୍ୱିନ୍ ସିଟିରେ ଗଣେଶ ପୂଜା ବନ୍ଦ ନେଇ ଜାରି ହୋଇଥିବା ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି କଟକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ବକ୍ସିବଜାର ନିକଟ ବାଣୀସାହିର ଶିବେନ୍ଦ୍ର କୁମାର ହାତୀ। ଆବେଦନକାରୀ ମୁଖ୍ୟ ସଚିବ, ଏସ୍ଆରସି,ପୁଲିସ ଡିଜି, କମିସନରେଟ ପୁଲିସ, କଟକ ଜିଲ୍ଲାପାଳ, ସିଏମସି କମିସନରଙ୍କୁ ପକ୍ଷଭୁକ୍ତ କରିଛନ୍ତି। ତାଙ୍କ ପୂର୍ବରୁ ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ ମଧ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ସେ କହିଛନ୍ତି, ପୂଜା ପାର୍ବଣ ଓ ପରମ୍ପରା ପାଳନ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ମୌଳିକ ଅଧିକାର। ତେଣୁ କରୋନା କଟକଣା ଭିତରେ ଟୁଇନସିଟିରେ ପୂଜା ପାଳନ ପାଇଁ ଅନୁମତି ପ୍ରଦାନ କରିବାକୁ କୋର୍ଟଙ୍କୁ ଆବେଦନ କରିଛନ୍ତି ଆଇନଜୀବୀ। କଟକ- ଭୁବନେଶ୍ୱରରେ ଗଣେଶ ପୂଜା କରାଯାଉ। ଲୋକେ ସାମାଜିକ ଦୂରତା ରକ୍ଷା କରି ମୁହଁରେ ମାସ୍କ ପିନ୍ଧି, ସବୁ ପ୍ରକାର କରୋନା କଟକଣାକୁ ମାନି ପୂଜା କରିବେ। ଉଲ୍ଲେଖ୍ୟଯୋଗ୍ୟ ଯେ କଟକ, ଭୁବନେଶ୍ୱର, ଗଜପତି, ଖୋର୍ଦ୍ଧା , ଜଗତସିଂହପୁର ଓ ଗଂଜାମରେ ଗଣେଶ ପୂଜା ପାଳନ ଉପରେ କଟକଣା ଜାରି କରିଛି ଜିଲ୍ଲା ପ୍ରଶାସନ ।

# ପର୍ଯ୍ୟଟନ ବିକାଶକୁ ନେଇ ମନ୍ତ୍ରୀଙ୍କୁ ଭେଟିଲା ଭସେନା



ବାରିପଦା,୧୮।୮ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ ବିକାଶକୁ ନେଇ ଭସେନା ପକ୍ଷରୁ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଭେଟିଛନ୍ତି ।ଏନେଇ ଭଂଜସେନା ପକ୍ଷରୁ ଏକ ଦାବିପତ୍ର ମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପ୍ରେରଣ କରାଯାଇଛି । ସମୃଦ୍ଧ, ସଂସ୍କୃତି, ଐତିହ୍ୟରେ ଭରପୁର ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟ ଜିଲ୍ଲାରେ ଅଛି ।ତେଣୁ ଏହି ରତ୍ନଗର୍ଭା ମୟୁରଭ ଜିଲ୍ଲାରେ ସବୁଥାଇ ମଧ୍ୟ ଆମେ ପଛୁଆ, ଅନୁନ୍ନତ ଏବଂ ଅନଗ୍ରସର । କେବଳ ମୟୂରଭରେ ହିଁ ଥିବା ମୂଲ୍ୟବାନ ସଂପତିକୁ ନେଇ ଯଦି ସ୍ୱତନ୍ତ୍ର ପରିଯୋଜନା କରାଯାଏ ତେବେ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ।ପର୍ଯ୍ୟଟନ ବିକାଶ ଦ୍ୱାରା ଜିଲ୍ଲାର ବହୁ ବେକାର ଯୁବକ ଯୁବତୀଙ୍କ ପାଇଁ ରୋଜଗାରକ୍ଷମ କରିବାରେ ସକ୍ଷମ ହେବା ସହିତ ଜିଲ୍ଲାର ଉନ୍ନତି ମଧ୍ୟ ସମ୍ଭବ ହେବ । ବର୍ତ୍ତମାନ ଜିଲ୍ଲାରେ କୋଣସି ନିର୍ଦ୍ଦିଷ୍ଟ ରୋଜଗାରର ବିକଳ୍ପ ପନ୍ଥା ନଥିବା ବେଳେ ହଜାର ହଜାର ଯୁବକ ଯୁବତୀ ବାହାର ରାଜ୍ୟମାନଙ୍କୁ ରୋଜଗାର ପାଇଁ ଯାଉଛନ୍ତି । ବର୍ତ୍ତମାନ ମହାମାରୀ କରୋନା ମହାବିପତି ଯୋଗୁଁ ତାଲାବନ୍ଦର ଘୋଷଣା ଦ୍ୱାରା ବାହାର ରାଜ୍ୟରେ ଥିବା ବହୁ କାର୍ଯ୍ୟନିଯୁକ୍ତି ସଂସ୍ଥାଗୁଡିକ ବନ୍ଦ ହୋଇଗଲା । ଏହା ଫଳରେ ଆମ ଜିଲ୍ଲାର ଦରିଦ୍ର ରୋଜଗାରକ୍ଷମ ଯୁବକ ଯୁବତୀ ଘରକୁ ଫେରିଆସିବାକୁ ବାଧ ହେଉଛନ୍ତି । ତେଣୁ ବର୍ତ୍ତମାନବେକାରୀ ସମସ୍ୟା ବହୁମାତ୍ରାରେ ଦୂର କରିବାରେ ପର୍ଯ୍ୟଟନ ଶିଳ୍ପ ହିଁ ସହାୟକ ହେବ ବୋଲି ଭଂଜସେନା ପକ୍ଷରୁ କୁହାଯାଇଛି । ଭଂଜସେନା ପକ୍ଷରୁ ରାକେଶ କୁମାର ବେହେରା, ସାମନ୍ତ ଶେଖର ପାଳ ଉପସ୍ଥିତ ଥିଲେ ।

# ସନାତନ ଜାଗୃତି ମଂଚ(ରାଷ୍ଟ୍ରଶକ୍ତି) ଆନୁକୁଲ୍ୟରେ ରକ୍ତଦାନ ଶିବିର

ବାରିପଦା,୧୮।୮ (ନି.ପ୍ର): ସ୍ୱାଧୀନତା ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ କରିଆର ସନାତନ ଜାଗୃତି ମଂଚ(ରାଷ୍ଟ୍ରଶକ୍ତି) ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କରିଆ ଏନ.ଏ.ସି. ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଶିବିରକୁ ପାଂଚପୀଢ ଉପଜିଲ୍ଲାପାଳ ଡକ୍ଟର ରଜନୀକାନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ଜାଗୃତି ମଂଚର ସଭାପତି ଶ୍ରୀ ସୌମ୍ୟରନ ରାୟ ଓ ସମ୍ପାଦକ ଶ୍ରୀ ସନ୍ଦିପ ମହାନ୍ତି ଙ୍କ ଦ୍ୱାରା ପରିଚାଳିତ ଏହି



ଶିବିରରେ ସ୍ଥାନୀୟ ଉପଖଣ୍ଡ ହସ୍‌ପିଟାଲର ବ୍ଲଡବ୍ୟାଙ୍କ ଡାକ୍ତର ଡ.ଗୌରାଙ୍ଗ । ଚରଣ ନାୟକ ଓ ଅନ୍ୟ କର୍ମଚାରୀ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ବ୍ୟକ୍ତି ମାନଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ ଏବଂ ଏଥିରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥବାର ଜଣାଯାଇଛି ।

# କେନ୍ଦୁଝର ଜିଲ୍ଲାରେ କରୋନା ମହାମାରୀର କରୁଣ ଚିତ୍ର : ବାହୁନି ବାହୁନି ଦୂରରୁ ପୁଅକୁ ବିଦାୟ ଦେବାକୁ ପଡିଲା ମା'କୁ

କେନ୍ଦୁଝର,୧୮।୮ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି କରୋନା ମହାମାରୀର ଦୁଃଖଦ ହୃଦୟ ବିଦାରକ କରୁଣ ଚିତ୍ର । ବିଳମ୍ବରେ ମିଳିଥିବା ଏଭଳି ଏକ ଘଟଣା କ୍ରମର ଚିତ୍ର ଥିଲା ଅତୀବ ଦୁଃଖଦ । କରୋନା ନାମରେ ନିଜର ଆଦରର ଜନ୍ମ କଲା ପୁଅର ମୃତଦେହକୁ ଛୁଇଁବା ତ ଦୂରର କଥା, ପାଖରୁ ଥରେ ମାତ୍ର ଆଖି ପୁରାଇ ମନ ଭରି ଦେଖି ମଧ୍ୟ ପାରିଲା ନାହିଁ ମା' । କେବଳ ଦୂରରେ ଥାଇ ପୁଅ ମୃତ୍ୟୁରେ ବାହୁନି ବାହୁନି କାନ୍ଦୁଥିଲା ଏବଂ ଭୁଇଁରେ କାନ୍ଦି କାନ୍ଦି ଲୋଟି ଯାଉଥିଲା । ବିଚରା ଅସହାୟ ବିଧବା ଶୋକାତୁର ମା । ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା କେନ୍ଦୁଝର ଜିଲ୍ଲା ସଦର ବ୍ଲକର ମହାଦେଇଯୋଡା ପଚାଂୟତ ଅନ୍ତର୍ଗତ ମଦରଙ୍ଗାଯୋଡା ଗ୍ରାମରେ । ଗ୍ରାମର ୨୨ ବର୍ଷର ଜଣେ ଯୁବକ ପେଟର ଭୋକ ଦାଉରୁ ବଂଚିବା ପାଇଁ ଘରେ ବିଧବା ବୃଦ୍ଧା ମା କୁ ଏକୁଟିଆ ଛାଡି ଦାଦନ ଖଟିବାକୁ ବାଲେଶ୍ୱର ଯାଇଥିଲେ । ମଝିରେ ମଝିରେ ଅବଶ୍ୟ ଘରକୁ ଆସି ବୁଢି ମା ର କଥା ବୁଝା ବୁଝି କରି ଯାଉଥିଲା । ଗତ କିଛି ଦିନ ପୂର୍ବେ ବାଲେଶ୍ୱରରେ ଥିବା ବେଳେ ପୁଅର ଦେହ ଖରାପ ହେଲା । ତାଙ୍କ ଦେହରେ ଜ୍ୱର ରହିବା ସହ ଦେହ ହାତ ସବୁ ଫୁଲିଗଲା । ବାଲେଶ୍ୱରରେ ପ୍ରାଥମିକ ଚିକିତ୍ସା ପରେ ସେ କେନ୍ଦୁଝର ନିଜ ଘରକୁ ଚାଲି ଆସିଲେ । ଏବଂ ଗତ ଚଉଦ ତାରିଖ ଦିନ ନିଜର ଚିକିତ୍ସା ପାଇଁ ସେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ସେଠାରେ ଚିକିତ୍ସା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ଡାକ୍ତର ତାଙ୍କୁ କଟକ ନେଇ ଯିବାକୁ ପରାମର୍ଶ ଦେଇଥିଲେ । କଟକ ନେବା ପରେ ତାଙ୍କୁ ଶାନ୍ତି ନାମକ ଏକ ଘରୋଇ ହସପିଟାଲକୁ ନିଆଯାଇଥିଲା । କିନ୍ତୁ ସେଠାରେ ପ୍ରଥମେ ତାଙ୍କର କୋଭିଡ୍ ଟେଷ୍ଟ ହେବା ପରେ ଚିକିତ୍ସା ଆରମ୍ଭ କରାଯିବ ବୋଲି କର୍ତ୍ତୃପକ୍ଷ କହିଲେ । ଏବଂ ତାଙ୍କୁ ଏକ ନିସଙ୍ଗ କୋଠରୀରେ ରଖାଗଲା । କିନ୍ତୁ ପରବର୍ତ୍ତି ସମୟରେ ସମୟୋପେଯାଗୀ ଉପଯୁକ୍ତ ଚିକିତ୍ସାର ଅଭାବରୁ ସେହି ଦିନ ରାତ୍ରୀରେ ତାଙ୍କର ମୃତ୍ୟୁ ହେଲା । ସେଠାରେ ତାଙ୍କ ସହ ଥିବା ଜଣେ ଭାଇ ବହୁ କଷ୍ଟରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗାଡ କରି ତାଙ୍କୁ ଘରକୁ ନେଇ ଆସିଲେ । କିନ୍ତୁ ତାଙ୍କୁ କରୋନା ହୋଇଥାଇପାରେ, ସେହି ଭୟରେ ଗ୍ରାମ ଲୋକମାନେ ଆମ୍ବୁଲାନ୍ସକୁ ଗ୍ରାମରେ ପୁରାଇ ଦେଲେ ନାହିଁ । ଅବଶ୍ୟ ସେହି ସମୟରେ ଦେବଦୂତ ସାଜିଥିଲେ ଗ୍ରାମର କିଛି ଯୁବକ । ଏବଂ ମାନବକତା ଦେଖାଇ ସେମାନେ ରାସ୍ତା ଖରାପ ସତ୍ୱେ ବହୁ କଷ୍ଟ କରି ଆମ୍ବୁଲାନ୍ସକୁ ସିଧା ଶ୍ମଶାନକୁ ନେଇଯାଇଥିଲେ । ଏହି ଖବର ପାଇବା ପରେ ମା ବିଚାରା ସେଠାକୁ ଦୌଡି ଆସିଥିଲା ତାର ଗେହ୍ଲା ପୁଅକୁ କୋଳେଇ ନେଇ ଶେଷଥର ପାଇଁ ମନଭରି ଦେଖି ନେବାକୁ । କିନ୍ତୁ ସେଠାରେ ଉପସ୍ଥିତ ଯୁବକମାନେ ତାଙ୍କୁ ପୁଅ ନିକଟକୁ ନ ଯିବାକୁ ବୁଝାଇଥିଲେ ଏବଂ ଯିବାକୁ ଦେଇ ନଥିଲେ । ଉପାୟ ଶୂନ୍ୟ ହୋଇ ଦୂରରେ ରହି ପୁଅ ମୃତ୍ୟୁର ଶୋକରେ ଏକାକୀ ବାହୁନୀ ବାହୁନୀ ମା ର କାନ୍ଦୁଥିବାର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ । ଯୁବକ ମାନେ ଏକ ଜେସିବି ଯୋଯାଗାଡ କରି ସେଠାରେ ଏକ ଗାତ ଖୋଳି ମୃତ ଶରୀରକୁ ପୋତି ଦେଇଥିଲେ । ଏପଟେ ଟିକିଏ ସହାନଭୁତି ଜଣାଇବା ବଦଳରେ ମୃତ ଯୁବକଙ୍କ ପରିବାରଙ୍କୁ ସାଧାରଣରେ କାହା ସହ ମିଶିବାକୁ ବାରଣ କରାଯାଇଥିବା ଖବର ମିଳିଛି । ଏହା ହେଉଛି କରୋନା ନାମରେ ସୃଷ୍ଟି ଭୟର ଏକ ଭୟଙ୍କର ସତ୍ୟର ଜ୍ୱଳନ୍ତ ଉଦାହରଣ । ଯେଉଁଠାରେ ମା ମଧ ପୁଅର ଶେଷ ଦର୍ଶନ କରିପାରୁନାହିଁ ।

# ବାଲିଗୁଡ଼ାରେ ୪ ଗାଡ଼ି ପୋଡ଼ିଲେ ନକ୍ସଲ

କନ୍ଧମାଳ,୧୮।୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଂଚଳରେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି ନକ୍ସଲ । ଏହି ଥାନା ଅନ୍ତର୍ଗତ କଞ୍ଚାଲଘୁରେ ୪ଟି ଗାଡ଼ି ପୋଡ଼ିଛନ୍ତି ମାଓବାଦୀ । ଏଥିସହ ଗଛକାଟି ରାସ୍ତାରେ ପକାଇ ରାସ୍ତା ଅବରୋଧ କରିଛନ୍ତି । ଫଳରେ ବାଲିଗୁଡ଼ାରୁ ବୌଦ୍ଧ ଜିଲ୍ଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏସଓଜି ଓ ଡ଼ିଭିଏଫ ଯବାନ ମାନେ ଘଟଣାସ୍ଥଳରେ ପହଂଚିଛନ୍ତି ।ତେବେ ଲ୍ୟାଣ୍ଡ ମାଇନ୍ ର ଭୟ ଓ ଆମ୍ବୁସ୍ ଭୟ ଯୋଗୁଁ ପୋଲିସ ସତର୍କତାର ସହିତ ଆଗକୁ ବଢୁଛି । ପ୍ରକାଶ ଥାଉ କି, ଗତକାଲି କେକେବିଏନ୍ ମାଓ ସଂଗଠନ ପକ୍ଷରୁ କ. ନୂଆଗାଁ ଥାନା ଅନ୍ତର୍ଗତ କଞ୍ଚାମେଣ୍ଡି ଠାରେ ଲାଲ୍ ବାହିନୀର ଲାଲ୍ ବ୍ୟାନର୍ ଲଗାଯାଇଥିବା ଦେଖିବାକୁ ମିଳିଥିଲା । ଏହି ବ୍ୟାନରରେ ଗତ କିଛି ଦିନ ତଳେ ପୋଲିସ କୁମ୍ବିଂ ଅପରେସନରେ ମୃତ୍ୟୁବରଣ କରିଥିବା ୫ ଜଣ ମାଓବାଦୀଙ୍କୁ ସଂଗଠନ ପକ୍ଷରୁ ସହିଦ୍ ଭାବେ ଘୋଷଣା କରାଯିବା ସହିତ ସେମାନଙ୍କୁ ଲାଲ୍ ସଲାମ କରାଯାଇଥିଲା । ଏପରିକି ଏହି ସହିଦ୍ ମାନଙ୍କ ଉଦ୍ଦେଶ୍ୟରେ ବାଲିଗୁଡ଼ା ଓ ଆଖ ପାଖ ଅଂଚଳରେ ମଧ ପୋଷ୍ଟର ଲଗାଯାଇଥିଲା । ଏହି ପୋଷ୍ଟର ଜରିଆରେ ଆସନ୍ତା ୧୮ରୁ ୨୪ ତାରିଖ ଯାଏଁ ସହିଦ୍ ସପ୍ତାହ ପାଳନ କରିବାକୁ ଆହ୍ୱାନ ଦିଆଯାଇଥିଲା ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଉତ୍ସବ ପାଳିତ

ଜୟପୁର,୧୮।୮ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଉତ୍ସବକୁ ସାଙ୍ଗଠନିକ ଜିଲା ତରଫରୁ କୋଭିଡ-୧୯ ର ନିୟମ ଅନୁଯାଇ ଜୟପୁର ମାଧାବ ଭବନ ଠାରେ ପାଳନ ହୋଇଛି । ଜିଲା କାଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭାଗ ସମ୍ପାଦକ ଅଜିତ ନାୟକ ଏବଂ ଜିଲା ଉପ ସଭାପତି ନବକୃଷ୍ଣ ରଥ ପ୍ରମୁଖ ମ ।ସିନ ଥିଲେ । ଜିଲା ସମ୍ପାଦକ କମଳା କାନ୍ତ ବିଶ୍ୱାଳ ପ୍ରାରମ୍ଭିକ ସୁଚନା ଏବଂ ଅତିଥି ଆମନ୍ତ୍ରଣ କରିଥିଲେ । ଅତିଥି ଗଣଙ୍କ ଦ୍ୱାରା ଭାରତ ମାତାଙ୍କ ମୁିରେ ଧୁପ, ପୁଷ୍ପ ଅର୍ପଣ କରାଯାଇଥିଲା । ଯଜ୍ଞେଶ୍ୱର ପଣ୍ଡାଙ୍କ ଦେବ ମନ୍ତ୍ର ପଠନ, ଜି. ମହେଶଙ୍କ ବଂଶୀବାଦନ ପରେ ଦୁର୍ଯ୍ୟୋଧନ ମାଳିଙ୍କ ଦ୍ୱାରା ବୀଜ ମନ୍ତ୍ର ଏବଂ ଏକାତ୍ମକା ମନ୍ତ୍ର ପଠନ କରାଯାଇଥିଲା । ଉପାଧ୍ୟକ୍ଷ ନବକୃଷ୍ଣ ରଥ ବିଶ୍ୱ ହିନ୍ଦୁ ପରିଷଦ ଜିଲାର ସାଙ୍ଗଠନିକ କାଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗ ସମ୍ପାଦକ ଅଜିତ ନାୟକ ତାଙ୍କ ଅଭିଭାଷଣରେ ଶ୍ରୀରାମ ମନ୍ଦିର ଜନ୍ମଭୁମି ଆନ୍ଦୋଳନ ସମୟରେ ଜୟପୁର ତଥା ଜିଲାର ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସଭାଧ୍ୟକ୍ଷ ତେଜେଶ୍ୱର ପଣ୍ଡା ତାଙ୍କ ଭାଷଣରେ କର ସେବକ ଜୟପୁର ହିଁ ଅବିଭକ୍ତ କୋରାପୁଟ ଜିଲାର ପ୍ରାଣକେନ୍ଦ୍ର । ଏଣୁ ହିନ୍ଦୁ ସମାଜର ସବାଙ୍ଗୀନ ସୁରକ୍ଷା, ସଚେତନତା, ଏକତା ରକ୍ଷା କରିବା ପାଇଁ ବହୁତ କିଛି କରିବାକୁ ଅଛି । ଏଥି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆମ ଜିଲାର ଶ୍ରୀର୍ମ ଜନ୍ମଭୁମିଆନ୍ଦୋଳନ ସମ୍ପର୍କରେ ସେ ବିଷଦ ଭାବେ ବର୍ଣ୍ଣନା କରିଥିଲେ । ନବେ ଦଶକରେ ଅଯୋଧ୍ୟାରେ ଶ୍ରୀରାମ ଜନ୍ମଭୁମି ଆନ୍ଦୋଳନରେ ଯୋଗଦେଇଥିବା କର ସେବକ ରାଧାକାନ୍ତ ରଥ, ବୈଦ୍ୟନାଥ ମିଶ୍ର, ଗଣେଷ ପାଢୀ, ଲକ୍ଷ୍ମୀ କାନ୍ତ ମିଶ୍ର, ଅରୁଣ କୁମାର ଭଟ୍ଟ ମିଶ୍ର, ଦେବେନ୍ଦ୍ର ବାହିନିପତି ପ୍ରମୁଖ ଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

# ନୂଆଁଖାଇ ଆଉ ୪ ଦିନ, ତଥାପି ଲୋକଙ୍କ ଉତ୍ସାହ ନାହିଁ

ନୂଆପଡ଼ା,୧୮।୮ (ନି.ପ୍ର): ଆଉ ୫ ଦିନ ପରେ ପଶ୍ଚିମ ଓଡିଶାର କୃଷିଭିିକ ଗଣପର୍ବ ନୂଆଁଖାଇ । ବର୍ଷକୁ ଥରେ ଆସୁଥିବା ଏହି ପର୍ବକୁ ନେଇ ପଶ୍ଚିମ ଓଡିଶା ବାସୀଙ୍କ ମଧ୍ୟରେ ରହିଥାଏ ବେଶ ଉତ୍ସାହ ଓ ଉଦ୍ଦିପନା । କିନ୍ତୁ ଚଳିତ ବର୍ଷର ମହାମାରୀ କରୋନା ଏବଂ ଲଗାତାର ମରୁଡି ଏହି ପର୍ବକୁ ଫିକା କରିଦେଇଛି । ନୂଆଁଖାଇ ପାଇଁ ନୂଆଚୂଡା ଆବଶ୍ୟକ ରହିଥିବା ବେଳେ ଏହି ନୂଆ ଅର୍ଣ୍ଣକୁ ମାଁ ସମଲେଶ୍ୱରୀଙ୍କ ଠାରେ ଅର୍ପଣ କରି ସମସ୍ତେ ନୂଆ ଖାଇଥାନ୍ତି । ହେଲେ ଚଳିତ ବର୍ଷର ବିଳମ୍ବିତ ବର୍ଷା ଚାଷ କାର୍ଯ୍ୟକୁ ବାଧାପ୍ରାପ୍ତ କରିଛି । ନୂଆଁଖାଇ ସମୟରେ ଲୋକେ ରୁଆ ବେଉଷଣ କାର୍ଯ୍ୟ କରୁଛନ୍ତି । ଫଳରେ ଚିନ୍ତିତ ହୋଇପଡିଛନ୍ତି ଚାଷିକୂଳ । ଆଉ ୯ ଦିନ ପରେ ନୂଆଁଖାଇ ଆସୁଥିବାରୁ କିପରି ନୂଆଧାନ ଆଣି ଚୁଡା କରିବେ ସେ ନେଇ ଚାଷି ଦ୍ୱନ୍ଦରେ ଅଛନ୍ତି । ନୂଆପଡା ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏଠାକାର ୮୦ ପ୍ରତିଶତ ଲୋକ କୃଷି କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ଚଳିତ ବର୍ଷ ବିଳମ୍ବିତ ବର୍ଷା ଯୋଗୁଁ ଏବେ ମଧ୍ୟ ଜିଲ୍ଲାର ୫୦ ପ୍ରତିଶତରୁ ଅଧିକ ଚାଷ ଜମିରେ ଚାଷ କାର୍ଯ୍ୟ ହୋଇନଥିବା ବେଳେ ଏବେ ଚାଷି ଚାଷ କାର୍ଯ୍ୟରେ ଲାଗି ପଡିଛନ୍ତି । ଫଳରେ ଚଳିତ ବର୍ଷର ନୂଆଁଖାଇ ଧୁମଧାମରେ ପାଳିତ ହେବାର ସମ୍ଭାବନା ଯଥେଷ୍ଟ କମ ରହିଛି ।

# ଶ୍ରୀମନ୍ଦିରକୁ ବିଜେ ହେଲା ସାତପୁରୀ ତାଡ

ପୁରୀ,୧୮।୮ (ନି.ପ୍ର): ବୁଧବାର ଶ୍ରୀମନ୍ଦିରରେ ପାଳିତ ହେବ ସପ୍ତପୁରୀ ଅମାବାସ୍ୟା ଏଥିପାଇଁ ମଙ୍ଗଳବାର ଅପରାହ୍ନରେ ଶ୍ରୀମନ୍ଦିରକୁ ଘଣ୍ଟ ଚତା ଓ କାହାଳି ସହ ଶେଶଭାଯାତ୍ରାରେ ଆଲାମ୍ ଚଣ୍ଡୀଙ୍କ ମନ୍ଦିରକୁ ଆସିଥିଲା । କୁମ୍ଭକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ୪ ଟିତାରକୁ ଶ୍ରୀମନ୍ଦିରକୁ ନିଆଯାଇଥିଲା । ଦ୍ୱିପହର ଧୂପ ସରିବା ପରେ ଏହି ତାଡ ଶ୍ରୀମନ୍ଦିରକୁ ବିଜେ କରିଥିଲା । କୁମ୍ଭକାର ସେବକ ମାନେ ମୁହଁରେ ତୁଣ୍ଡି ବାନ୍ଧି ଏହାକୁ ଶ୍ରୀମନ୍ଦିରକୁ ନେଇଥିଲେ । ଅମାବାସ୍ୟା ଅବସରରେ ରୋଷ ଘାରେ ଏହି ତାଡରେ ସାତପୁରୀ ଭୋଗ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କୁ ଭୋଗ କରାଯିବାର ବିଧି ରହିଛି ବୋଲି ଗବେଶକ ଡଃ ନରେଶ ପ୍ରସାଦ ଦାସ ପ୍ରକାଶ କରିଛନ୍ତି ।

# ଷ୍ଟାମ୍ପ ଭେଣ୍ଡର କାର୍ତ୍ତିକ ବେହେରାଙ୍କ ପରଲୋକ

ଭୁବନ,୧୮।୮ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ଅରବିନ୍ଦ ମାର୍ଗର ବାସିନ୍ଦା ତଥା ତହସିଲ ଷ୍ଟାମ୍ପ ଭେଣ୍ଡର କାର୍ତ୍ତିକ ଚନ୍ଦ୍ର ବେହେରା(କାଠିଆ ) ଗତକାଲି ମଧ ରାତ୍ରରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା । ସେ ଗତ ସପ୍ତାହେ ହେଲା ଜ୍ୱରରେ ପୀଡିତ ଥାଇ ଘରେ ଚିକିତ୍ସିତ ହେଉଥିଲେ । ଗତକାଲି ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା ଓ ଡାଇବେଟିସ, ସୁଗାର ବଢିଯାଇଥିବା କାରଣରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଆଜି ସକାଳେ କାର୍ତ୍ତିକଙ୍କ ମୃତ୍ୟୁ ଖବର ପାଇ ତହସିଲ ଅଫିସ କର୍ମଚାରୀମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଁଚି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ । ଅପରାହ୍ନରେ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ମନୀଜ କୁମାର ମାଝିଙ୍କ ଅଧକ୍ଷତାରେ ଅମରଆତ୍ମାର ସଦଗତି କାମନାର୍ଥେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ କାର୍ତ୍ତିକ ଜଣେ ଅତ୍ୟନ୍ତ ସାଧାସିଧା, ମେଳାପୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ମୁନିଗୁଡ଼ା ପୋଲସର ଚଢ଼ାଉ, ୬ ପେଟି ବିଦେଶୀ ମଦ ଜବତ ଓ ୨ ଗିରଫ୍

ଗୁଣପୁର,୧୮।୮ (ନି.ପ୍ର): ସାରା ରାଜ୍ୟରେ କରୋନା ମହାମାରୀ ତାର କାୟା ବିସ୍ତାର କରିଚାଲିଛି । ହେଲେ ଏହି ସମୟରେ ଦେଶର ଶ୍ରେଷ୍ଠ କରୋନା ଯୋଦ୍ଧା ପୋଲିସମାନଙ୍କୁ କରୋନା ଶାନ୍ତିରେ ଶୋଇବା ଆଖିରୁ ନିଦ ହଜାଇ ଦେଇଛି । ରାତିଦିନ କରୋନା ଡିଉଟିରେ ମାତିଚାଲିଛନ୍ତି । ଏହି କରୋନା ସଟ୍‌ଡାଉନ୍ ସମୟରେ ମଦ ଦୋକାନ ଆଗରେ ତାଲା ପଛରେ ମେଲା ଏବଂ ଉଚିତ୍ ମୂଲ୍ୟଠାରୁ ଅତ୍ୟାଧିକ ମୂଲ୍ୟରେ ବି ଦେଶି ମଦ ବିକ୍ରି ହେଉଛି ମୁନିଗୁଡ଼ା ସଦର ମହକୁମାରେ । ପୋଲିସ୍‌କୁ ଭୟକରି କେତେକ ହୋଟେଲ ମାଲିକ୍ଙୁ ପେଟି ପେଟି ବିଦେଶି ମଦ ନେଇ ବିକ୍ରି କରିବାକୁ ଦେଇଥାନ୍ତି ମଦ ବେପାରୀ । ଏପରି ଘଟଣା ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସଦର ମହକୁମାରେ ଘଟୁଥିବାରୁ ଆଇଆଇସି ଶ୍ରୀ ରାଜେନ୍ଦ୍ର ପ୍ରସାଦ ଦେହୁରୀଙ୍କ ନିର୍ଦ୍ଦେଶରେ ସେକେଣ୍ଡ ଅଫିସର ଶ୍ରୀ ଅଶୋକ କୁମାର ବିଶୋଇ ଏବଂ ଏସ୍ଆଇ ଶ୍ରୀ ନରସିଂହ ବେହେରାଙ୍କ ନେତୃତ୍ୱରେ ପୋଲିସ୍ ନିରନ ଦାଶ, ଶ୍ରୀମତୀ ମମତା ରାଉତ, କୁବିହାରୀ ପାଢ଼ି, ଖଗେଶ୍ୱର ଦେହୁରୀ, ବିରଞ୍ଚି



ଚୌଧୁରୀ, ନୀଳା ଶବର ଏବଂ ଏପିଏଫ୍ ଟୁନାଶବ, ପ୍ଲାଟୁନ୍‌କମାଣ୍ଡର ଶ୍ରୀ ଟୁଲୁ ପାଢ଼ି ପ୍ରମୁଖ ପେଟ୍ରୋଲିଂରେ ଯାଇ ସନ୍ଧ୍ୟା ପ୍ରାୟ ୮ ଘଟିକା ସମୟରେ ବଜାରରେ ଏକ ହୋଟେଲ ଉପରେ ଚଢ଼ାଉ କରି ତିନିପେଟି ବିଦେଶୀ ମଦ ଜବତ କରିବା ସହ ମାଲିକ ମଧୁ ମହାପାତ୍ରଙ୍କୁ ଗିରଫ୍ କରି ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ଏତଦ୍ ବ୍ୟତୀତ ରାତି ପ୍ରାୟ ୯ଟା ୨୦ ସମୟରେ ଚତୁରତା ସହିତ ଗଜାକୁପୁଲି ଗ୍ରାମକୁ ଯାଇ ସେଠାରେ ଚୋରାରେ ବିଦେଶି ମଦ ବିକ୍ରି କରୁଥିବା ମାଲିକ ଶ୍ରୀ ତ୍ରିନାଥ ସାହୁକାରଙ୍କ ଘରୁ ଚଢ଼ାଉ କରି ତିନିପେଟି ବିଦେଶୀ ମଦଜବତ କରିବା ସହିତ ସାହୁକାରଙ୍କୁ ଗିରଫ୍ କରି ଥାନାକୁ ଆଣିଥିବା ଆଇଆଇସି କହିଛନ୍ତି । ଅଭିଯୁକ୍ତ ଦ୍ୱୟଙ୍କ ନାମରେ କେସ୍ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ୍ ସୂତ୍ରରୁ ସୂଚନା ମିଳିଛି । କରୋନା ସମୟରେ ପୋଲିସର ଏପରି ଆଖି ଦୃଶିଆ ପଦକ୍ଷେପ ପାଇଁ ସାଧାରଣରେ ଭୂୟସୀ ପ୍ରଶଂସା କରିବା ସହ ଏହି ଭଳି ପଦକ୍ଷେପ ଜାରି ରଖିବାକୁ ଅନୁରୋଧ କରିଛନ୍ତି ।

# ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି, ବାଜିମାତ୍ କଲା ସରସ୍ୱତୀ ଶିଶୁ ମନ୍ଦିର

ଜଳେଶ୍ୱର,୧୮।୮ (ନି.ପ୍ର): ରାଜ୍ୟ ସରକାରଙ୍କ ପଠାଣୀ ସାମନ୍ତ ଗଣିତ ପ୍ରତିଭା ମେଧାବୃତ୍ତି ପ୍ରକାଶ ପାଇଛି । ସେଥିରେ ଜଳେଶ୍ୱର ମ୍ୟୁନିସିପାଲଟିରୁ ୧୦ଜଣଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ଜଣ ଛାତ୍ରଛାତ୍ରୀ ବାଜିମାତ୍ କରିଛନ୍ତି । ପ୍ରକାଶିତ ପରୀକ୍ଷାଫଳ ଅନୁଯାୟୀ ଜଳେଶ୍ୱର ମ୍ୟୁନିସିପାଲଟିରୁ ୧୦ଜଣ ଓ ବ୍ଲକ ଅଂଚଳରୁ ଅନ୍ୟ୧୦ଜଣ ୬ଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀ ୨ହଜାର ଟଙ୍କା ଲେଖାଏଁ ୩ବର୍ଷ ପାଇବେ ବୋଲି ଜଣାଯାଇଛି । ମ୍ୟୁନିସିପାଲଟି ଅଂଚଳରୁ ଅନିମେଶ ପାତ୍ର ପ୍ରଥମ ହୋଇଥିବା ବେଳେ ବ୍ଲକ ଅଂଚଳରୁ ଦିବ୍ୟାଂଶୁ ଗିରି ପ୍ରଥମ ହୋଇଛନ୍ତି । ସୂଚନାଯୋଗ୍ୟ ମ୍ୟୁନିସିପାଲଟିର ୧୦ଜଣଙ୍କ ମଧ୍ୟରୁ ପ୍ରଥମ ୫ଜଣ ସରସ୍ୱତୀ ଶିଶୁ ମନ୍ଦିରର ବୋଲି ଜଣାଯାଇଛି ।

# ଏଟିଏମ୍ ଲୁଟେରା ଗ୍ୟାଙ୍ଗର ଦୁଇ ଗିରଫ

ଗଞ୍ଜାମ,୧୮।୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ୨ ଜଣ ଏଟିଏମ୍ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି । ଏମାନେ ୨୦୧୧ ମସିହାରୁ ବିଭିନ୍ନ ଏଟିଏମ୍ ଲୁଟ୍ ଘଟଣାରେ ଜଡ଼ିତ ଥିଲେ । କେବଳ ଏହି ଅଂଚଳରେ ନୁହେଁ ବରଂ ବିଭିନ୍ନ ସ୍ଥାନରେ ସମାନ ଢ଼ଙ୍ଗରେ ଏଟିଏମ୍ ଲୁଟ୍ କରି ଲକ୍ଷ ଲକ୍ଷ ଟଙ୍କା କମାଇ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବା ସହ ଦାମି କାର୍, ଦାମି ମଦ ଓ ମାଉଜରରେ ବ୍ୟବହୃତ ବିଦେଶୀ ମ୍ୟାଗାଜିନ୍ ଚୋରା କାରବାର କରି ନିଜର କାୟା ବିସ୍ତାର କରି ଚାଲିଥିଲେ । ପୋଲିସ ସେମାନଙ୍କ ନିକଟରୁ ବନ୍ଧୁକ ଗୁଳି ସହିତ କାର୍ ଓ ୭୦ ହଜାର ଟଙ୍କାର ଦାମି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକର ଘର ପୋଲସରା ବ୍ଲକ୍ ଅନ୍ତର୍ଗତ ଖଣ୍ଟୁରୁ ଗ୍ରାମରେ ହୋଇଥିବା ବେଳେ ଶ୍ୱଶୁର ଘର ବ୍ରହ୍ମପୁର କମାପଲ୍ଲୀ ଅଂଚଳରେ । ଅନ୍ୟ ଜଣକ ବାବଦରେ ଅଧିକ ତଥ୍ୟ ମିଳିପାରିନାହିଁ । ବ୍ରହ୍ମପୁର ସହରରେ ଗତ କିଛି ଦିନ ହେଲା ବିଭିନ୍ନ ଥାନାର ଏଟିଏମ୍ ରୁ ଟଙ୍କା କାଢ଼ିବା ପାଇଁ ବୃଦ୍ଧ ଏବଂ ଏଟିଏମ୍ ରୁ ଟଙ୍କା ଉଠାଣ ଜାଣିନଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ଏମାନେ ଟଙ୍କା ଲୁଟୁ ଥିବା ଜଣାପଡିଛି । ପୋଲିସ ଏହି ଲୁଟେରା ଗ୍ୟାଙ୍ଗର ପ୍ରଭାକର ପ୍ରଧାନକୁ ପ୍ରଥମେ ଗିରଫ କରି କୋର୍ଟଚାଲାଣ କରିଥିଲା । ପରେ ଆଜି ମନୋଜ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏଟିଏମ୍ ରୁ ବୃଦ୍ଧ ଲୋକମାନେ ଟଙ୍କା ଉଠାଣ ପାଇଁ ଗଲାବେଳେ ଏହି ଲୁଟେରା ମାନେ ସେମାନଙ୍କୁ ଟାର୍ଗେଟ୍ କରିବା ସହ ଟଙ୍କା ଉଠାଣ କରି ଦେବି କହି ଏଟିଏମ୍ ପିନ୍ ନମ୍ବର ଚୋରି କରିବା ସହ ସେମାନଙ୍କୁ ନକଲି ଏଟିଏମ୍ କାର୍ଡ଼ ଫେରସ୍ତ କରୁଥିଲେ । ପରେ ଅସଲି ଏଟିଏମ୍ ବ୍ୟବହାର କରି ଅତି ସହଜରେ ଟଙ୍କା ଉଠାଣ କରି ଆସୁଥିଲେ । ଘଟଣାରେ ଜଡ଼ିତ ଅନ୍ୟତମ ଅଭିଯୁକ୍ତ ଶଙ୍କର ସାହୁ ସମ୍ପ୍ରତି ଫେରାର୍ ରହିଛି । ଗିରଫ ମନୋଜ ଓ ପ୍ରଭାକରଙ୍କୁ ପୋଲିସ ରିମାଣ୍ଡରେ ଆଣି ଅଧିକ ପଚରା ଉଚୁରା କରିବ ବୋଲି ସୂଚନା ମିଳିଛି ।

# କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

## ୧୮ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୧୮।୮ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୧୬ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ଆଇନ ଭଙ୍ଗ କରୁଥିବା ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୮ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ପାରାଖେମୁଣ୍ଡି ଆଦର୍ଶ ଥାନା ୫୫୦୦ ଟଙ୍କା, ରାୟଗଡ଼ ଥାନା ୨୨୦୦, କାଶୀନଗର ଥାନା ୨୪୦୦, ଗାରାବନ୍ଧ ଥାନା ୧୬୦୦ ଟଙ୍କା, ସେରଙ୍ଗ ଥାନା ୨୪୦୦, ଗୁରାଣ୍ଡି ଥାନା ୧୬୦୦ ଟଙ୍କା, ମୋହନା ଥାନା ୧୦୦୦ ଟଙ୍କା, ଅଡ଼ବା ଥାନା ୧୦୦୦ ଟଙ୍କା ଏବଂ ରାମଗିରି ଥାନା ପୋଲିସ ପକ୍ଷରୁ ଜୋରିମାନା ବାବଦକୁ ୮୦୦ ଟଙ୍କା ଆଦାୟ କରାଯାଇଛି ।

# ଟ୍ରକରେ ୧୧୦ କିଗ୍ରା ଗଞ୍ଜେଇ ଚାଲାଣବେଳେ ଧରାପଡିଲା ଅବକାରୀ ବିଭାଗ ହାତରେ

**ଗଞ୍ଜେଇ ସମେତ ଟ୍ରକ ଜବତ ୨ଚାଲାଣକାରୀ ଫେରାର୍**

କନ୍ଧମାଳ,୧୮।୮ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲ ଅବକାରୀ ବିଭାଗ ତରଫରୁ ପୁର୍ବ ସୁଚନା ପାଇବାପରେ କନ୍ଧମାଳ ଜିଲ୍ଲାରୁ ଭୁବନେଶ୍ୱର ଆଡକୁ ଚାଲାଣ ହେଉଥିବାବେଳେ ଇନିସ୍ପେକ୍ଟର ଅଜୟ ବେହେରାଙ୍କ ନେତୃତ୍ୱରେ ଏକ ଆଠଜଣିଆ ଦଳ ଚାଲାଣ ହେଉଥିବା ଏକ ଟ୍ରକକୁ ପିଛା କରିଥିଲେ । ହେଲେ ବିଭାଗ ତରଫରୁ ଚଢାଉ ହେଉଥିବା ଜାଣିପାରି ଚାଲାଣକାରୀ ମାନେ ସେଠାରୁ ଫେରାର୍ ହେବାରେ ସଫଳ ହୋଇଥିବା ନେଇ ଇନିସ୍ପେକ୍ଟର ଅଜୟ ବେହେରା ସୁଚନା ଦେଇଛନ୍ତି । ତେବେ ଅବକାରୀ ବିବାଗ ସେହି ଟ୍ରକରୁ ୫ଟି ବସ୍ତାରେ ଥିବା ୧୧୦ କିଗ୍ରା ଗଞ୍ଜେଇ ଜବତ କରିବା ସହିତ ଚାଲାଣ କାଯର୍ୟରେ ନିୟୋଜିତ ଥିବା ଟ୍ରକ ଓଆର-୦୨ଏଜି-୯୯୦୧କୁ ଜବତ କରିବା ସହିତ ଏହଜି ସଂକ୍ରନ୍ତରେ ଏନଡିପିଏସ ଆଇନରେ ଏକ ମାମଲା ୪/୨୦୨୦ ରୁଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା କହିଛନ୍ତି । ସୁଚନା ଅନୁସାରେ ଆଜି ସକାଳ ୬ ଟାବେଳେ ପୁର୍ବ ସୁଚନା ମୁତାବକ ଖଜୁରିପଡାର ଗଦାପଦର ଠାରେ ଏହି ଟ୍ରକକୁ ଅବକାରୀ ଦଳ ଗୋଡାଇବା ଫଳରେ ସେଠାରେ ଗାଡି ଛାଡିଦେଇ ଡ୍ରାଇଭର ସମେତ ତାର ଆଉ ଜଣେ ସହେଯାଗୀ ଫେରାର୍ ହୋଇଯାଇଥିଲେ ।

## ମହାପ୍ରଭୁଙ୍କ ଅନନ୍ୟ ରହଣୀ ଭୋଗ 'ମଗଜଲଡୁ'

ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଛପନଭୋଗୀ । ଶ୍ରୀକ୍ଷେତ୍ର ହେଉଛି ଭୋଜନ କ୍ଷେତ୍ର । ଶହ ଶହ ବର୍ଷରୁ ଶ୍ରୀମନ୍ଦିରରେ ପ୍ରଚଳିତ ଅନନ୍ୟ ଭୋଗ ବ୍ୟବସ୍ଥା । ତନ୍ମଧ୍ୟରୁ 'ମଗଜଲଡୁ'ର ମର୍ଯ୍ୟାଦା ସ୍ୱତନ୍ତ୍ର । ଦିଁଅ ବିଜେ ସମୟରେ ପନ୍ତି ଭୋଗରେ 'ମଗଜଲଡୁ' ବଢ଼ାଯାଏ । ରହଣୀ ଭୋଗରେ ମଗଜଲଡୁ ଠାକୁରଙ୍କ ଅତି ପ୍ରିୟ । ପବିତ୍ର ଜାଗର ଯାତ୍ରା ଅବସରରେ ଶ୍ରୀଲୋକନାଥଙ୍କୁ ରହଣୀ ଭୋଗରେ ମଗଜଲଡୁ ଅର୍ପଣ କରାଯାଏ । ଶ୍ରୀଜଗନ୍ନାଥଙ୍କୁ ସ୍ନାନ ଯାତ୍ରା ଓ ରଥା ଯାତ୍ରା ସମେତ ପର୍ବପର୍ବାଣୀରେ ଭୋଗ ଲଗାଯାଏ । ଶ୍ରୀକ୍ଷେତ୍ରରେ ଏହି ପାରମ୍ପରିକ ଭୋଗର ପ୍ରଚଳନ ବିରଳ । ଶ୍ରଦ୍ଧାଳୁଙ୍କ ଚାହିଦାକୁ ଦେଖି ପୁରୀ ସହରର ଶତାଧିକ ଭୋଗ ଦୋକାନରେ ମଧ୍ୟ ମଗଜଲଡୁ ପ୍ରସ୍ତୁତ କରି ବିକ୍ରୟ କରାଯାଉଛି । ଗବେଷକମାନେ କୁହନ୍ତି 'ମଗଜଲଡୁ' ନାମକରଣର ସ୍ୱତନ୍ତ୍ରତା ରହିଛି । ମଗଜର ଅର୍ଥ ହେଉଛି ବୁଦ୍ଧି । ଆଉ ଗୋଲାକାର ଯେହେତୁ ଲଡୁ । ଏହାକୁ ଖାଇଲେ ବୁଦ୍ଧି ବଢ଼େ ବୋଲି ଏହାର ଏଭଳି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ । ରହଣୀ ଭୋଗରେ ଏହା ଅନ୍ତର୍ଭୁକ୍ତ । ଅଧିକ ଦିନ ଖରାପ ନହୋଇ ରହୁଥିବାରୁ ଏହାକୁ ରହଣୀ ଭୋଗ କୁହାଯାଏ । ଶ୍ରୀମନ୍ଦିରରେ ଠାକୁରଙ୍କ ପାଇଁ ପ୍ରସ୍ତୁତ ହୋଇଥାଏ ରହଣୀ ଭୋଗ । ମଗଜଲଡୁ ସହିତ ଖଜା, ଜଗନ୍ନାଥବଲ୍ଲଭ ଆଦି ପ୍ରାୟ ୩୬ ପ୍ରକାର ରହଣି ଭୋଗ ପ୍ରସ୍ତୁତ କରାଯାଏ । ନିସଙ୍ଖୁଡ଼ି ଭୋଗ ସବୁ ବାହାର ରୋଷଘରେ ତିଆରି ହୋଇଥାଏ । ବାହାର ଦେଉଳି ସୁଆର ସେବକ ଏହି ଭୋଗ ସବୁ ପ୍ରସ୍ତୁତ କରିଥାନ୍ତି । ଠାକୁରଙ୍କ ସୁଆର ସେବକ ଗଣେଶ୍ୱର ମହାସୁଆର କୁହନ୍ତି ଭିତର ବାହାର ରୋଷରେ ଅଟା, ମଇଦା ଆଦିରେ ଭୋଗ ପ୍ରସ୍ତୁତ କରାଯାଏ ।



**ମଗଜଲଡୁ ପ୍ରସ୍ତୁତି:**

ଅଟା, ଚିନି, ଗୁଆଘିଅ, ଲବଙ୍ଗ, ଅଳେଇଚ, ଜାଇଫଳ ଆଦି ମିଶି ମଗଜଲଡୁ ପ୍ରସ୍ତୁତ କରାଯାଏ । ହାଲ୍କା ଜାଳରେ ପ୍ରଥମେ ଅଟା ଭଜା ଯାଏ । ଅଟାର ରଙ୍ଗ ଇଷତ୍ ଲାଲ୍ ହେଲାପରେ ଚୂଲିରୁ ଓହ୍ଲାଇ ଦିଆଯାଏ । ଅଳେଇଚ, ଲବଙ୍ଗ ଓ ଜାଇଫଳ ଗୁଣ୍ଡ ହୋଇ ରହିଥାଏ । ଥଣ୍ଡା ହେଲା ପରେ ଅଟାରେ ଚିନି ଗୁଣ୍ଡ ସହ ଲବଙ୍ଗ, ଅଳେଇଚ ଓ ଜାଇଫଳ (ମସଲା ଗୁଣ୍ଡ) ମିଶାଯାଏ । ପୁନଃ ଏହାକୁ ଉଷୁମ୍ କରିବାରେ ଚିନିରୁ ପାଣି ମରିଗଲା ପରେ ଅସଲ କର ପାଗ ପ୍ରସ୍ତୁତ ହୋଇଥାଏ । ଏହାପରେ ଦୁଇ ତିନି ଜଣ ମିଶି ସାଇଜ୍ ଅନୁସାରେ ଗୋଲ୍ ଗୋଲ୍ କରି ଲଡୁ ପ୍ରସ୍ତୁତ କରିଥାନ୍ତି । ଆନୁମାନିକ ଭାବେ ଏକ କିଲୋ ଅଟାରେ ଦେଢ଼ କିଲୋ ଚିନି, ୬୫୦ ଗୁଆଘିଅ ଓ ୫୦ ଗ୍ରାମ୍ ମସଲା ବ୍ୟବହାର ହୋଇଥାଏ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୨ ଘଣ୍ଟାରେ ମଗଜଲଡୁ ତିଆରି ହେଉଥିବା ଶ୍ରୀ ମହାସୁଆର କହିଛନ୍ତି । ଶ୍ରୀମନ୍ଦିର ଭଳି ପଙ୍କୋଦ୍ଧାର ଏକାଦଶୀ ଓ ପବିତ୍ର ଜାଗର ଯାତ୍ରାରେ ରହଣୀ ଭୋଗରେ ମଗଜଲଡୁ ଶ୍ରୀଲୋକନାଥଙ୍କୁ ଭୋଗ ଲଗାଯାଏ । ବାବା ଲୋକନାଥଙ୍କ ମଗଜଲଡୁ ଅତି ପ୍ରିୟ । ସେଥିପାଇଁ ଜାଗରରେ କ୍ୱିଣ୍ଟାଲ ଅଟାରେ ମଗଜଲଡୁ ପ୍ରସ୍ତୁତ ହୋଇଥାଏ । ରହଣୀ କାରିଗରମାନେ ସ୍ୱତନ୍ତ୍ର ଭାବେ ତାଲିମ ପ୍ରାପ୍ତ । ଜାଗରରେ ଶ୍ରୀକ୍ଷେତ୍ରର ବିଭିନ୍ନ ଶୈବପୀଠରେ ବହୁ ପରିମାଣରେ ରହଣୀ ଭୋଗ ପ୍ରସ୍ତୁତ ହେଉଥିବାରୁ କାରିଗରଙ୍କୁ ଫୁର୍ସତ ନଥାଏ । ମଗଜଲଡୁର ଚାହିଦାକୁ ଦେଖି ସହରର ଶତାଧିକ ଦୋକାନରେ ମଗଜଲଡୁ ପ୍ରସ୍ତୁତ ହୋଇ ବିକ୍ରୟ କରାଯାଏ । ବହିରାଗତ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ସହରବାସୀଙ୍କ ପର୍ଯ୍ୟନ୍ତ ସବୁରି ମଗଜଲଡୁରେ ଲୋଭ ବୋଲି ନାମକରା ଭୋଗ ଦୋକାନୀ ଶିବ ପ୍ରସାଦ ପଣ୍ଡା କହିଛନ୍ତି ।

## ସାଧାରଣ ଗୃହିଣୀରୁ ସେଲିବ୍ରିଟି ଫ୍ୟାଶନ ଡିଜାଇନର



ସଙ୍ଗୀତା ବୁଚରା, ଯିଏକି ଜଣେ ସେଲିବ୍ରିଟି ଜୁଏଲାରୀ ଡିଜାଇନର । ନିଜ ଯୁବାବସ୍ଥାରେ ଦିନକ ପାଇଁ ଘରୁ ପାଦ କାଢ଼ିନଥିବା ସଙ୍ଗୀତା ଏବେ ନାମୀଦାମୀ ଜୁଏଲାରୀ ଡିଜାଇନର ବନିପାରିଛନ୍ତି । କେବଳ ବଲିଉଡ ତାରକା ନୁହେନ୍ତି, ବିଭିନ୍ନ ଫ୍ୟାସନ ଶୋ'ରେ ମଡେଲମାନେ ତାଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଅଳଙ୍କାର ପରିଧାନ ଉପରେ ଗୁରୁତ୍ୱ ହେଇଥାଆନ୍ତି । ରାଜସ୍ଥାନର ଏକ ଛୋଟ ଗାଁ ସୁଜାନଗଡ଼ରେ ଜନ୍ମ ହୋଇଥିଲେ ସଙ୍ଗୀତା ବୁଚରା । ଏକ ହିନ୍ଦୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ିଥିବା ସଙ୍ଗୀତାଙ୍କ ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ଥିଲେ ମଧ୍ୟ ରକ୍ଷଣଶୀଳ ଥିଲେ । ପାରିବାରିକ ବ୍ୟବସାୟ କାରଣରୁ ସଙ୍ଗୀତାଙ୍କ ପରିବାର ଆସାମର ଗୌହାଟି ଚାଲି ଆସିଥିଲେ । କିନ୍ତୁ ବିବାହ ପରେ ପୁଣି ଥରେ ରାଜସ୍ଥାନର ଜୟପୁର ଫେରିବାକୁ ପଡ଼ିଥିଲା । ସେହି ପରିବାରର ପ୍ରାୟ ଅଧିକାଂଶ ଲୋକ ଇଂଲିଶରେ କଥା ହେଉଥିବାରୁ ସଙ୍ଗୀ ମନେ ମନେ ହୀନମନ୍ୟତା ଭୋଗୁଥିଲେ । ତେବେ ସନ୍ତାନ ଜନ୍ମ ହେବା ପରେ ଧୀରେ ଧୀରେ ସେ ଇଂରାଜୀ ଶିଖିବା ଆରମ୍ଭ କଲେ । ପିଲାଙ୍କୁ ପାଠ ପଢ଼ାଇବା ବେଳେ ନିଜେ ମଧ୍ୟ ଇଂରାଜୀ ଶିଖୁଥିଲେ । ସଙ୍ଗୀତାଙ୍କ ସ୍ୱାମୀ ବର୍ଷକର ଅଧିକାଂଶ ସମୟ ବିଜନେସ୍ ଟୁର୍ ପାଇଁ ବିଦେଶ ଯାଉଥିଲେ । ଫଳରେ ଏକା ହୋଇଯାଉଥିଲେ ସଙ୍ଗୀତା । ଏକା ସମୟରେ କିପରି କାଟିବେ ତାହା ତାଙ୍କୁ ଚିନ୍ତିତ କରିଥିଲା । ଭାବିଥିଲେ ଜୁଏଲୀର ଡିଜାଇନକୁ ପେସା କରିବେ । କିନ୍ତୁ ପ୍ରଥମେ ଏଥିପାଇଁ ପରିବାର ଲୋକଙ୍କ ସମର୍ଥନ ମିଳିନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଶ୍ୱଶୁର ହିଁ ପ୍ରଥମେ ସଙ୍ଗୀତାଙ୍କର ଏହି ଗୁଣ ବିଷୟରେ ଜାଣି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଗୋଟିଏ ପଟେ ସନ୍ତାନମାନଙ୍କ ଦେଖାଶୁଣା କରିବା ଅନ୍ୟ ପଟେ ଜୁଏଲାରୀ ଡିଜାଇନିଂ । ଅନେକ ନିକଟ ସଂପର୍କୀୟ ତାଙ୍କୁ ଏସବୁ ପେସାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ନିଜ ନିଷ୍ପତ୍ତିରୁ ଓହରି ନଥିଲେ ସଙ୍ଗୀତା । ଶେଷରେ ତାଙ୍କ ନିଷ୍ପତ୍ତି ହିଁ ତାଙ୍କୁ ସୁଖ୍ୟାତି ଆଣିଦେଲା । ଆଜି ତାଙ୍କ ଦ୍ୱାରା ଡିଜାଇନ ହୋଇଥିବା ଜୁଏଲାରୀ ସେଲିବ୍ରିଟିଙ୍କ ଠାରୁ ସାଧାରଣ ମହିଳା ପିନ୍ଧୁଛନ୍ତି । ଅନେକ ଆଗଧାଡ଼ିର ଅନ୍‌ଲାଇନ୍ ସପିଙ୍ଗ୍ ସାଇଟ୍‌ରେ ତାଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଜୁଏଲାରୀ ଉପଲବ୍ଧ ।

## ଚମତ୍କାରୀ ଶିବ ମନ୍ଦିର



ମହମ୍ମଦ ଗଜନୀର ଆତଙ୍କ କେତେ ଭୟଙ୍କର ଥିଲା ତାହା ଇତିହାସ ପୃଷ୍ଠାରୁ ଜଣାପଡ଼େ । ଲୁଟ୍‌ପାଟ୍ ସହିତ ସେ ହିନ୍ଦୁସ୍ତାନୀମାନଙ୍କର ଆସ୍ଥାକୁ ମଧ୍ୟ ଧ୍ୱସ୍ତ କରିବାକୁ ଚାହିଁଥିଲା । ୧୭ଥର ଦେଶକୁ ଲୁଣ୍ଠନ କରିଥିବା ଏହି କ୍ରୁର ଆକ୍ରମଣକାରୀ ଅନେକ ମନ୍ଦିରକୁ ମଧ୍ୟ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ବହୁତ ଚେଷ୍ଟା ସ ୍ୱ ଏଥିରେ ସ୍ଥାପତି ଶିବଲିଙ୍ଗକୁ ସେ ଭାଙ୍ଗିପାରିନଥିଲେ । ଯେତେବେଳେ ଏହି ଲିଙ୍ଗକୁ ଭାଙ୍ଗିବାକୁ ଅସଫଳ ହେଲା ସେ ଶିବଲିଙ୍ଗ ଉପରେ ଆହ୍ଲାଙ୍କ ନାମରେ କିଛି ଶବ୍ଦ ଲେଖିଦେଇଥିଲେ । ଏହି ମନ୍ଦିର ଗୋରଖପୁରରୁ ୩୦ କି.ମି ଦୂର ସାରୟା ଗ୍ରାମରେ ଅବସ୍ଥିତ । ଏହି ମନ୍ଦିରଟି ହଜାରରୁ ଉର୍ଦ୍ଧ୍ୱ ବର୍ଷର ପୁରୁଣା ମନ୍ଦିର । ଏହି ଚମତ୍କାରୀ ଶିବଲିଙ୍ଗ ଭୂମିରୁ ବାହାରିଛନ୍ତି ବୋଲି ମାନ୍ୟତା ରହିଛି । କିନ୍ତୁ ଶିବଭକ୍ତମାନେ ଏଠାରେ ଆଜି ପର୍ଯ୍ୟନ୍ତ ପୂଜାପାଠ କରୁଛନ୍ତି । ଶ୍ରାବଣମାସରେ ଏହି ମନ୍ଦିରର ମହ ୍ୱ ଅଧିକ ବଢ଼ିଯାଏ । ଏହି ଶିବଲିଙ୍ଗକୁ ନୀଳକଣ୍ଠ ମହାଦେବଙ୍କ ନାମରେ ସମସ୍ତେ ଜାଣନ୍ତି ।

## ଜଳପାନର ଆବଶ୍ୟକତା

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ । ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ । କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି ।



- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ । ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ । ପାଣି କମ୍ ପିଇଲେ ରକ୍ତଚାପ ବଢ଼େ ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍ ।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ ।

## ଘି-କୁଆଁରୀର ଉପକାରିତା

ସପ୍ତାହକୁ ଥରୁଟିଏ ଘି-କୁଆଁରୀ ରସ କେଶମୂଳରେ ଲଗାଇଲେ ଘନତ୍ୱ ବଢ଼ିବା ସହ କଳା ହୋଇଥାଏ । ୧କପ୍ ମେହେନ୍ଦୀ ପାଉଡରରେ ୩ ଚାମଚ ଘି-କୁଆଁରୀ ରସ ମିଶ୍ରଣ କରି କେଶରେ ଲଗାନ୍ତୁ ୱାସକୁ ଥରୁଟିଏ ଏହି ପ୍ୟାକ୍ କେଶରେ ଲଗାଇବା କେଶ ପାଇଁ ଭଲ । ନିୟମିତ ଭାବେ ତ୍ୱଚାରେ ଘି- କୁଆଁରୀ ରସ ଲଗାଇଲେ ତ୍ୱଚାରେ ବିଶେଷ ଚମକ ଆସିଥାଏ । ବ୍ରଣ ଦାଗ ମଧ୍ୟ ଦୂର ହୁଏ । କୋଷ୍ଠକାଠିନ୍ୟ ରୋଗୀ ପ୍ରତିଦିନ ସକାଳ-ସନ୍ଧ୍ୟାରେ ଅଧ କପ ଘି-କୁଆଁରୀ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ସେମାନଙ୍କ ଅସୁବିଧା ଦୂର ହୋଇଥାଏ ।



## ଅଧିକ ବ୍ୟାୟାମ ବିପଦ



ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବରତା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ଏଷ୍ଟ୍ରୋଜନ୍ ସ୍ତରରେ ଅଧିକ ପରିବ ର୍ନ ହେବା କାରଣରୁ ମଧ୍ୟ ଗର୍ଭଧାରଣ କରିବାରେ ସମସ୍ୟା ଦେଖାଦେଇଥାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।

## ସୁସ୍ଥ ତଥା ଉତ୍ତମ ତ୍ୱଚା ନିମନ୍ତେ







ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ନିୟମିତ ଭାବେ ତ୍ୱଚାକୁ କ୍ଲିନଜରରେ ପୋଛନ୍ତୁ । ଘରୋଇ ଭାବେ ମଧ୍ୟ ଏହାର ଉପଚାର କରିହେବ । ଯେପରି କଞ୍ଚା ଖିର ଓ ଦହି ସହାୟତାରେ ମଧ୍ୟ ତ୍ୱଚାକୁ ପରିଷ୍କାର କରିହେବ ।

- ତ୍ୱଚାରେ ସକାଳ କିମ୍ବା ସନ୍ଧ୍ୟାରେ ଏକ ପ୍ୟାକ୍ ଲଗାଇବା ଉପକାରୀ । ପ୍ୟାକରେ ଅଲିଭ ତେଲ ନଚେତ ମହୁ ଅଳ୍ପ ପରିମାଣର ଉପଯୋଗ କରନ୍ତୁ । ଏହା ତ୍ୱଚାକୁ କୋମଳ କରିଥାଏ ।
- ଏସବୁ ବାଦ ଆବଶ୍ୟକ ପରିମାଣରେ ପାଣି ପିଇବା ତ୍ୱଚା ପାଇଁ ଏକ ଉତ୍ତମ ଖୋରାକ । ସପ୍ତାହକୁ ୩-୪ ଥର ଅନ୍ତତଃ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ ।
- ବ୍ରଣ କିମ୍ବା ଦାଗର ପ୍ରଥମେ ଘରୋଇ ଉପଚାର କରନ୍ତୁ । ଏହା କାମ ନ କଲେ ପରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଲଗାନ୍ତୁ ।

ବାହାରୁ ଆସିବାର କିଛି କ୍ଷଣ ପରେ ତ୍ୱଚାରେ ଥଣ୍ଡା ପାଣି ଛିଟା ମାରିବାର ଅଭ୍ୟାସ କରିବା ଉଚିତ । ଏହା ତ୍ୱଚାକୁ ସତେଜତା ପ୍ରଦାନ କରେ ।

## ବାଇଗଣ ପରିବାର ଉପକାରିତା






ନିକଟରେ ଆମେରିକୀୟ ଗବେଷକଗଣ ପ୍ରକାଶ କରିଛନ୍ତି, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ ।

- ବାଇଗଣ ଭର୍ତ୍ତାରେ ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ନିଦ ଭଲ ହୋଇଥାଏ । ରାତିରେ ଏହା ଖାଇବା ଅଧିକ ଲାଭପ୍ରଦ ।
- ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଆଫ୍ରିକୀୟ ଆଦିବାସୀଙ୍କ ମତରେ ବାଇଗଣ ପୋଡ଼ାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ ।
- ସକାଳ ଜଳଖିଆରେ ବାଇଗଣ ଭର୍ତ୍ତାରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତ ଜନିତ ରୋଗର ଆଶଙ୍କା କମ ହୁଏ ।
- ଗବେଷକଙ୍କ ମତରେ, ବିଷାକ୍ତ ଛତୁ ଖାଇଦେଲେ, ଗୋଟା ବାଇଗଣକୁ ଚକଟି ତୁରନ୍ତ ଖାଇଲେ ବିଷ କ୍ରିୟା ପ୍ରଭାବହିନ ହୋଇଥାଏ ।
- ଏଥିରେ ଖାଦ୍ୟତନ୍ତୁ ପ୍ରଚୁର ପରିମାଣରେ ଥାଏ । ଟାଇପ-୨ ମଧୁମେହ ରୋଗୀ ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣାଧୀନ ହୁଏ । ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପରିବା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପୁଞ୍ଜିନିବେଶର ଆବଶ୍ୟକତା...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୪ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲାଠାରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଭାଷଣ ବିଶେଷ ମାନ୍ୟତା ବହନ କରେ । ଦେଶ ଏବେ କରୋନା ମହାମାରୀ ଦ୍ୱାରା ବିଶେଷଭାବେ ଆକ୍ରାନ୍ତ ହୋଇଥିବାରୁ ଏହା ପ୍ରଭାବରେ ପ୍ରତ୍ୟେକଟି କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି । ମହାମାରୀ କରୋନା ସହିତ ନିର୍ଣ୍ଣାୟକ ସଂଗ୍ରାମ ଜାରି ରହିଥିବାବେଳେ ଦେଶର ଅର୍ଥବ୍ୟବସ୍ଥାକୁ କିଭଳି ଭାବେ ସଜଡ଼ାଯିବ ଓ ପୁଣିଥରେ ଏହାକୁ ସ୍ୱାଭାବିକ ଭାବେ ପ୍ରଗତି ପଥରେ ଗତିଶୀଳ କରାଯାଇପାରିବ ସେଥିଲାଗି କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଏବେ ଚିନ୍ତାରେ ପଡ଼ିଯାଇଛି । ଏହି ମର୍ମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ଅଭିଭାଷଣରେ ଜାତୀୟ ଭିତ୍ତିଭୂମି ପାଇପ ଲାଇନ (ଏନଆଇପି) ପ୍ରକଳ୍ପ ପାଇଁ ୧୧୦ ଲକ୍ଷ କୋଟି ଟଙ୍କାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଅନୁସାରେ, କୋଭିଡ୍-୧୯ ଜନିତ ପ୍ରଭାବରୁ ଏହି ପ୍ରକଳ୍ପ ଦେଶକୁ ମୁକୁଳାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣଣ କରିବ । ଏହା କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନୁହେଁ, ବରଂ ବିବିଧ କ୍ଷେତ୍ରରେ କାର୍ଯ୍ୟକ୍ରମ ସହ ଜଡ଼ିତ । ଏଥିପାଇଁ ଦେଶବ୍ୟାପୀ ପ୍ରାୟ ସାତହଜାରରୁ ଉର୍ଦ୍ଧ୍ୱ ପ୍ରକଳ୍ପକୁ ଚିହ୍ନଟ କରାଯାଇଛି, ଯେଉଁଥିରେ ସେହି ଅର୍ଥ ବ୍ୟୟ କରାଯିବ । ସେହିସବୁ ପ୍ରକଳ୍ପକୁ ସଂପୂର୍ଣ୍ଣ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତାହା ସଂପୂର୍ଣ୍ଣ ହେଲେ ଯେଉଁ ଭିତ୍ତିଭୂମି ସୁଦୃଢ଼ ହେବ, ତାହା ସେହି କ୍ଷେତ୍ର ଓ ଅନ୍ୟାନ୍ୟ ସଂପର୍କିତ କ୍ଷେତ୍ରକୁ ମଧ ମଜଭୁତ କରିବ । ଆଧୁନିକ ଯୋଜନାକାରଙ୍କ ଯୁକ୍ତି ଅନୁସାରେ, ଯେଉଁ ଦେଶର ଭିତ୍ତିଭୂମି ଯେତିକି ସୁଦୃଢ଼ ସେ ଦେଶ ସେତିକି ବିକଶିତ । ଭିତ୍ତିଭୂମି ବିନା ବିକାଶ ଅସମ୍ଭବ । ଉଦାହରଣ ସ୍ୱରୂପ, କୃଷି ହେଉ ଅବା ଶିଳ୍ପ, ଯଦି ଉତ୍ପାଦନଠାରୁ ନେଇ ସଂରକ୍ଷଣ, ପରିବହନ ଓ ବିତରଣ ପର୍ଯ୍ୟନ୍ତ ସୁବ୍ୟବସ୍ଥା କରାନଯିବ, ତେବେ ସେଥିରେ ସଫଳତା ମିଳିବା ଅସମ୍ଭବ । ତେଣୁ କୃଷିକ୍ଷେତ୍ରରେ ଜଳସେଚନଠାରୁ ଅମଳ ପରବର୍ତ୍ତୀ ଶସ୍ୟ ସଂରକ୍ଷଣ ହେଉ କିମ୍ବା ଶିଳ୍ପ କ୍ଷେତ୍ରରେ ବିଜୁଳି ପାଣି ଯୋଗାଣଠାରୁ ରେଳ, ସଡ଼କ ପରିବହନ ବ୍ୟବସ୍ଥା ହୋଇଥାଉ ତାହା କରାଯିବା ଦରକାର । ଏପରିକି ଏଥିପାଇଁ ଆଇନଗତ ସଂସ୍କାର ମଧ ଭିତ୍ତିଭୂମି ସୁଦୃଢ଼ୀକରଣର ଅଂଶବିଶେଷ ଭାବେ ଗ୍ରହଣ କରାଯାଇପାରେ । ଏବେ କରୋନା ସଂକ୍ରମଣ ଯୋଗୁଁ କୃଷିଠାରୁ ଶିଳ୍ପ, ଶିକ୍ଷାଠାରୁ ବାଣିଜ୍ୟ ବ୍ୟବସାୟ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହୋଇଛି । ଅର୍ଥନୀତି ଏକପ୍ରକାର ଅଚଳ ହୋଇପଡ଼ିଚି ବୋଲି କୁହାଯାଇପାରେ । ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ର ପାଇଁ ବିକାଶର ସଂଜ୍ଞା ବିବିଧ । ପୁଣି ଦେଶର ପ୍ରଗତି ଓ ଅଭିବୃଦ୍ଧି ସହ ବିକାଶଧାରା ଜଡ଼ିତ । ପ୍ରଧାନମନ୍ତ୍ରୀ ଇତିପୂର୍ବରୁ କରୋନା ମହାମାରୀ ଭଳି ସଂକଟରୁ ସୁଯୋଗରେ ପରିଣତ କରିବା ଓ ଆତ୍ମନିର୍ଭର ହେବା ନିମନ୍ତେ ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । କରୋନା ପରବର୍ତ୍ତୀ ସମୟରେ ବିଶ୍ୱ ଦୃଶ୍ୟପଟ୍ଟରେ ହେଉଥିବା ପରିବର୍ତ୍ତନକୁ ଭାରତ ସପକ୍ଷରେ ଆଣିବା ନିମନ୍ତେ ପରାମର୍ଶ ଦେଇଛନ୍ତି । ବିଶେଷକରି ଭାରତକୁ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜିନିବେଶର ଲକ୍ଷ୍ୟସ୍ଥଳ ଓ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଉତ୍ପାଦନର ପେଣ୍ଠସ୍ଥଳରେ ପରିଣତ କରିବା ହେଉଛି ଏଭଳି ଆହ୍ୱାନର ଉଦ୍ଦେଶ୍ୟ । ଉଲ୍ଲେଖ ନିଷ୍ପ୍ରୟୋଜନ, ଜାତୀୟ ଭିତ୍ତିଭୂମି ପାଇପ୍‌ଲାଇନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଗଲେ, ସେଥିପାଇଁ ଭାରତରେ ବ୍ୟାପକ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ । ସେହିସବୁ ନିବେଶକାରୀମାନେ, କମ୍ପାନୀମାନେ ଭାରତରେ ଏଭଳି ଭିତ୍ତିଭୂମିର ଉପଲବ୍‌ଧତାକୁ ଦେଖି ସେମାନଙ୍କର ପୁଞ୍ଜି ଖଟାଇବେ ଓ କଳକାରଖାନା ପ୍ରତିଷ୍ଠା କରିବେ । କେବଳ ବିଦେଶୀ କମ୍ପାନୀ ଅବା ନିବେଶକାରୀମାନେ ନୁହଁନ୍ତି, ଦେଶର କୃଷକଙ୍କ ଠାରୁ ନେଇ ସାଧାରଣ ନାଗରିକମାନେ ମଧ ଏହାଦ୍ୱାରା ଉପକୃତ ହେବେ । ଉପାର୍ଜନ ଓ କର୍ମନିଯୁକ୍ତିର ନୂଆ ନୂଆ ସୁଯୋଗ ଓ ମାର୍ଗ ଉନ୍ମୋଚିତ ହେବ । 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସହ ପ୍ରଧାମନ୍ତ୍ରୀ ଦେଶବାସୀଙ୍କୁ 'ମେକ୍ ଫର୍ ୱାର୍ଲଡ' ନିମନ୍ତେ ଆହ୍ୱାନ ଜଣାଇଛନ୍ତି । ଏହା ଏକ ଉତ୍ତୁଙ୍ଗ ଲକ୍ଷ୍ୟ, କିନ୍ତୁ ହାସଲକ୍ଷମ । ଦେଶର ଯୁବ ମାନବ ସମ୍ବଳ, କୌଶଳ, ବିଜ୍ଞାନ, ପ୍ରଯୁକ୍ତି ଓ ଅନୁକୂଳ ବାତାବରଣ ଏବଂ ସର୍ବୋପରି ଉନ୍ନତ ତଥା ଅନୁକୂଳ ଭିତ୍ତିଭୂମି ଲକ୍ଷ୍ୟ ହାସଲ କରିବାରେର ସହାୟକ ହେବ । ଏହା କୋଭିଡ ପରବର୍ତ୍ତୀ ଭାରତୀୟ ଅର୍ଥବ୍ୟବସ୍ଥାକୁ ସଜାଡ଼ି ଦେଶକୁ ବିଶ୍ୱର ଅନ୍ୟତମ ମହାଶକ୍ତିରେ ପରିଣତ କରିପାରିବ । ତେବେ ଏଥିପାଇଁ ଢେର୍ ଶ୍ରମ ଓ ନିଷ୍ଠା ଯେ, ଆବଶ୍ୟକ ତାହା ସଭିଏଁ ହୃଦୟଙ୍ଗମ କରିବା ଆବଶ୍ୟକ ।




## ଆଷାଢ଼ ଶୋଭା....

ଧ୍ରୁବ ଚରଣ ବେହେରା

ଝରି ଝରି ଆସେ ବରଷା ରାଣୀ
କହଇ ଆଷାଢ଼ ପ୍ରେମ କାହାଣୀ ॥

ରିମ୍ ଝିମ୍ ତାର ମହ୍ଲାର ସୁର
ଦେଖିଲେ ସେ ଶୋଭା ଲାଗେ ସୁନ୍ଦର ॥

ଆଦ୍ୟ ପ୍ରେମ ବିନ୍ଦୁ ନେଇ ଝରଇ
ମନ ପ୍ରାଣ ସବୁ ଦିଏ ଭିଜାଇ ॥

ନଈ ନାଳ ପୂରି ଉଠଇ ମାତି
ଅମାନିଆଁ ହୋଇ ବହେ ସେ ନିତି ॥

ନଈ ମନ ଥାଏ ସାଗର ପାଇଁ
ସେ ଲାଗି ସାଗର ଖୋଜଇ ନଈ ॥

ସବୁଜିମା ରାଜି ହସଇ ଧରା
ପରଶେ ଶ୍ୟାମଳ ରଙ୍ଗ ପସରା ॥

ଗିରି ପଥ ବନ ଦିଶଇ ତୋରା
ସତେକି ପ୍ରକୃତି ନୟନ ହୀରା ॥

ଫୁଲ ଫୁଟି କାନ୍ତି ଦିଏ ପରଶି
ନିଶିରେ ହସଇ ସରଗ ଶଶୀ ॥

କଳା ମେଘ ଦେଖି ମନେ ସନ୍ତୋଷ
ଗିରି ଶୃଙ୍ଗେ କେକୀ ହୁଏ ହରସ ॥

ନାଚେ ଥେଇ ଥେଇ ପୁଛ ମେଲାଇ
ତାଳବଣ ଛଇ ଦୂରେ ଦିଶଇ ॥

କୃଷକ କ୍ଷେତକୁ ଯାଏ ବାହାରି
ଆଷାଢ଼ ଆଣିଛି ପୁଣ୍ୟର ବାରି ॥

ସହି ବର୍ଷା ଖରା ଶୀତ କାକର
ହଳ ନେଇ ଯାଏ କ୍ଷେତକୁ ତାର ॥

ହସାଇବ କ୍ଷେତେ ନାନା ଫସଲ
ସମାଜ ପାଇଁ ସେ ଅମୂଲ ମୂଲ ॥

ହଂସ ହଂସରାଳି ବତକ ପକ୍ଷୀ
ଖୁସିରେ ଖେଳନ୍ତି ସରସୀ ଦେଖି ॥

ନାଲି ଟୁକୁ ଟୁକି ସାଧବ ବୋହୂ
ବରଷା ସକାଳ କାହାଣୀ କହୁ ॥

କଇଁ ଫୁଲ ଶୋଭା କେଡ଼େ ସୁନ୍ଦର
ଫୁଟି ଚହଲଇ ଧରଣୀ କୋଳ ॥

ବର୍ଷା କାଳ ଅଟେ ମଙ୍ଗଳକାରୀ
ପାଳେ ପରଜାଙ୍କୁ ବରଷ ବାରି ॥

ଆଦ୍ୟ ଆଷାଢ଼ର ଶୋଭାଟି ଏହି
ଦୋଷ ଥିଲେ କ୍ଷମା ଦେବ ମୋ ଭାଇ ॥

+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪

# ଆଧୁନିକ କବିତା ସାମ୍ରାଜ୍ୟରେ ଏକ ଅଲିଭା ଶିଖା କବି କମଳାକାନ୍ତ ଲେଙ୍କା

ପ୍ରଦୀପ୍ତ କୁମାର ମହାନ୍ତି

ତାଙ୍କର କାବ୍ୟ ଜୀବନ ହେଉଛି ଠିକ୍ ଦୁଖମୟ ଜୀବନ ମଧରେ ଭଙ୍ଗାଗଢ଼ା ଇତିହାସର କୋଣାର୍କ ମନ୍ଦିର ପରି । କବିଙ୍କ ଭାଷାରେ- ଏମିତି ଗୋଟେ ଶଦ୍ଦ ଉଚ୍ଚାରଣ କର/ ଯାହାର କୌଣରସି ଅର୍ଥ ବୁଝାନଗଲେ ବି/ ବାରିହବ ଶବ୍ଦହୀନତାର/ ଗୋଟେ କିଛି ପୋଡିଯିବାର ଗନ୍ଧ ଅଛି । ସମକାଳୀନ ସାହିତ୍ୟିକ ପାଣିପାଗ ମଧରେ ସେ ଥିଲେ ଭିନ୍ନ ପଥର ଯାତ୍ରୀ । ସେ ଥିଲେ ଶବ୍ଦ ସୃଷ୍ଟିର ବିଖ୍ୟାତ ଯାଦୁକର । ତାଙ୍କ ସାଧନାର ଜୀବନ ସୁଦୀର୍ଘ ସ୍ୱାଧୀନଚେତା ଓ ନିର୍ଭିକ ବ୍ୟକ୍ତିତ୍ୱ ଭାବେ ସେ ଥିଲେ ଦଣ୍ଡାୟମାନ । ସେ ଥିଲେ ସ୍ୱତନ୍ତ୍ର ମୌସୁମୀ, ଯେତେଝଡ଼ ଝଞ୍ଜା ଆସିଲେ ବି ସେ ସବୁକୁ ସହିଯାଉଥିଲେ ।

ଆଧୁନିକ ଓଡ଼ିଆ କବିତା ସାମ୍ରାଜ୍ୟରେ ଏକାଏକା ବାଦଶାହା କବି କମଳାକାନ୍ତ ଲେଙ୍କା ଏକ ସମ୍ମାନନୀୟ ଉଚ୍ଚାରଣ । ଯେଉଁ କବିମାନେ ଉତ୍କଳୀୟ ଜନଗଣ ମାନସକୁ ପ୍ରଜ୍ଞାଲୋକରେ ଚିର ଉଦଭାସିତ କରିଯାଇଛନ୍ତି ସେହି ଅମର କବି ମାନଙ୍କ ମଧରେ ସ୍ୱର୍ଗତ କମଳାକାନ୍ତ ଲେଙ୍କା ଅନ୍ୟତମ । କବି କମଳାକାନ୍ତଙ୍କର ନିଶା ଥିଲା ସାହିତ୍ୟକୁ ଭଲ ପାଇବା । ଯେମିତି ଇତିହାସ ଅତୀତକୁ ତୋଳିଧଦରେ ସେମିତି ସାହିତ୍ୟ ଇତିହାସକୁ ଜନଦରବାର ସତ୍ୟବୋଧକୁ ସନ୍ଧାନ କରିବା ସମୟରେ ମନେପଡ଼ନ୍ତି ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା କବି କମଳାକାନ୍ତ ଲେଙ୍କା । କେବଳ ଇତିହାସ ନୁହେଁ ବରଂ ରାଶି ରାଶି ଜନଶ୍ରୁତି, କାହାଣୀ, କିମ୍ବଦନ୍ତୀ ଓ ଦେଖାଶୁଣା ଘଟଣାକୁ କାବ୍ୟିକ ସୌଷ୍ଟବ ପ୍ରଦାନ ହେବା ଦିଗରେ କବି ସ୍ୱର୍ଗତ ଲେଙ୍କାଙ୍କର ବ୍ୟକ୍ତିତ୍ୱ ଅନନ୍ୟ ଓ ଅସାଧାରଣ । ଦୀର୍ଘ ଶତାବ୍ଦୀଟିଏ ଧରି ଆପାତତଃ କାବ୍ୟ ସାଧନାର ଅସାମାନ୍ୟ ଗୌରବରେ ତାଙ୍କର ସାରସ୍ୱତ ପ୍ରତିଭାଟି ବିକଶିତ । ତାଙ୍କ ରଚିତ କବିତା ପୁସ୍ତକ ମଧରେ ରହିଛି ସୁନାଫସଲ, ପ୍ରୀତି ଓ ପ୍ରତୀତି, ଉତ୍ତରଣ, ସ୍ମରଣ ବିସ୍ମରଣ, କବିତାର ମୁହଁ, କବିତା-ଶ୍ରୀଓଧୀ, ସ୍ରୋତର ନାମ ଚାତ, ଖସିବାର ବେଳ, ଗୀତ ଗାଆନାରେ ପକ୍ଷୀ, ଚିତା ଅଙ୍କା କାନ୍ଥର ଛବି ଓ ପରିଧି ବାହାରେ ଅପେକ୍ଷାରତ ପୃଥିବୀ, ଦୁଃଖ ସହ କଥାବାର୍ତ୍ତା, ଏକା ଏକା ବାଦଶାହା, ପାଦେ ଆଗକୁ, କବିର ଡାଏରୀ ଓ ଅର୍ଥାନ୍ତର ପ୍ରଭୃତି । ସ୍ରୋତର ନାମ ଚାତ କବିତା ପୁସ୍ତକଟି ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାର ଲାଭ କରିବା ସହିତ ଏହା ପାଠକ ଦରବାରରେ ଉଚ୍ଚ ପ୍ରଶଂସା ଲାଭ କରିଥିଲା ।

୧୯୩୫ ମସିହା ନଭେମ୍ବର ମାସ ୧୯ ତାରିଖରେ କବି କମଳାକାନ୍ତ ଲେଙ୍କା ଭଦ୍ରକ ଜିଲ୍ଲାର ଇଚ୍ଛାପୁର ଗ୍ରାମରେ ଜନ୍ମଲାଭ କରିଥିଲେ । ୧୯୩୫ ମସିହାରେ ଭଦ୍ରକ ସହରର ଏନ.ସି. ହାଇସ୍କୁଲରୁ ମ୍ୟାଟ୍ରିକ, ୧୯୫୮ରେ ଭଦ୍ରକ କଲେଜରୁ ବି.ଏ ଓ ୧୯୬୧ରେ ଶାନ୍ତି ନିକେତନ (କଲିକତା)ର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ସାହିତ୍ୟରେ ପ୍ରଥମ ଶ୍ରେଣୀରେ ଏମ.ଏ. ପାସ କରିବା ପରେର ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ହାଟଡିହି ଓ ଧାମନଗର ହାଇସ୍କୁଲରେ ଶିକ୍ଷକତା କରିବା ପରେ ବାସୁଦେବପୁର ଅଟଳବିହାରୀ କଲେଜରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ ଯୋଗ ଦେଲେ । ତା'ପରେ ଭଦ୍ରକ କଲେଜ, ବଲାଙ୍ଗୀରର ରାଜେନ୍ଦ୍ର ନାରାୟଣ କଲେଜ, ବ୍ରହ୍ମପୁରର ଖଲିକୋଟ କଲେଜ, ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜ, ଯାଜପୁରର ନୃସିଂହ ଚୌଧୁରୀ କଲେଜ ପ୍ରଭୃତିରେ ଅଧାପନା କାର୍ଯ୍ୟ କରିସାରିବା ପରେ ଭଦ୍ରକ କଲେଜରେ ପୁଣି ବିଭାଗୀୟ ମୁଖ୍ୟ (ଓଡ଼ିଆ ବିଭାଗ) ଭାବେ ଯୋଗ ଦେଲେ । ୧୯୯୩ ମସିହାରେ କବି ଶ୍ରୀ ଲେଙ୍କା ଅବସର ଗ୍ରହଣ କରିଥିଲେ । ୧୯୯୯ ମସିହା ଅଗଷ୍ଟ ୧୮ ତାରିଖ ସକାଳ ୫ ଘଟିକା ସମୟରେ କବିଙ୍କର ପରଲୋକ ଘଟିଥିଲା । କବି ଶ୍ରୀ ଲେଙ୍କା ଜୀବନ ବ୍ୟାପୀ ସଂଗ୍ରାମ ଓ ସଂଘର୍ଷ କରିଛନ୍ତି । ଅପଥରେ ଗତିକରି ନେପଥ୍ୟରୁ ଦୃଶ୍ୟରାଜିକୁ ଆବିଷ୍କାର କରିବା ଥିଲା କବିଙ୍କର ଜୀବନ ଓ ସେଠି ନଥିଲା ତିରସ୍କାରର ଭୟ, ବରଂ ଥିଲା ପରୁସ୍କାର ପ୍ରାପ୍ତିର ପ୍ରତ୍ୟୟ । ଜୀବନକୁ ଯେପରି ଦୁଃଖ କଷ୍ଟ ଯନ୍ତ୍ରଣା ମଧରେ ଜୀଇଁଛି ଯେପରି ଅନୁଭବ କରିଛି ଠିକ୍ ସେହିପରି କବିତା ଲେଖିବାକୁ ଚାହେଁ ବୋଲି ନିଷ୍କପଟ ଦମ୍ଭୋକ୍ତି ପ୍ରକାଶ କରୁଥିବା କବି କମଳାକାନ୍ତଙ୍କର ଅଧିକାଂଶ କବିତାରେ ଏହାର ପ୍ରମାଣ ଜଳଜଳ ଦିଶୁଥାଏ । କବିଙ୍କର ଭାଷାରେର ଏକ ସୁନ୍ଦର କବିତାର ଉଦାହରଣ ଏହିପରି-
ପିଇଯାଅ ଦେଶୀ ବା ବିଦେଶୀ ସୁରା ।
ପେଶିପାଶି ରକ୍ତର ହାତକୁ/ କି ଘର କି ଦ୍ୱାର/ କି ପୁଅଝିଅର ସଂସାର/ ନିଜପରି ଛତ୍ରପତି କିଏ ଅଛି/ ଦୁଃଖ ଏବଂ ସୁଖର ଉର୍ଦ୍ଧ୍ୱର । କବି ଶ୍ରୀ ଲେଙ୍କା ଥିଲେ ସତ୍ୟର ଉପାସକ, ସାହିତ୍ୟର ଜାଗ୍ରତ ପ୍ରହରୀ ଠିକ୍ ଦାର୍ଶନିକ ସକ୍ରେଟିସଙ୍କ ପରି । ତାଙ୍କର କାବ୍ୟ ଜୀବନ ହେଉଛି ଠିକ୍ ଦୁଖମୟ ଜୀବନ ମଧରେ ଭଙ୍ଗାଗଢ଼ା ଇତିହାସର କୋଣାର୍କ ମନ୍ଦିର ପରି । କବିଙ୍କ ଭାଷାରେ- ଏମିତି ଗୋଟେ ଶଦ୍ଦ ଉଚ୍ଚାରଣ କର/ ଯାହାର କୌଣରସି ଅର୍ଥ ବୁଝାନଗଲେ ବି/ ବାରିହବ ଶଦ୍ଦହୀନତାର/ ଗୋଟେ କିଛି ପୋଡିଯିବାର ଗନ୍ଧ ଅଛି ।

ସମକାଳୀନ ସାହିତ୍ୟିକ ପାଣିପାଗ ମଧରେ ସେ ଥିଲେ ଭିନ୍ନ ପଥର ଯାତ୍ରୀ । ସେ ଥିଲେ ଶବ୍ଦ ସୃଷ୍ଟିର ବିଖ୍ୟାତ ଯାଦୁକର । ତାଙ୍କ ସାଧନାର ଜୀବନ ସୁଦୀର୍ଘ ସ୍ୱାଧୀନଚେତା ଓ ନିର୍ଭିକ ବ୍ୟକ୍ତିତ୍ୱ ଭାବେ ସେ ଥିଲେ ଦଣ୍ଡାୟମାନ । ସେ ଥିଲେ ସ୍ୱତନ୍ତ୍ର ମୌସୁମୀ, ଯେତେଝଡ଼ ଝଞ୍ଜା ଆସିଲେ ବି ସେ ସବୁକୁ ସହିଯାଉଥିଲେ । ଓଡ଼ିଆ କାବ୍ୟ ଧାରାର ଧୂରୀଣ ସାଧକ ଶ୍ରୀ ଲେଙ୍କାଙ୍କ ଭାଷାରେ-ସିଗାରେଟର ନିଆଁ ଝୁଲରେ ନିଃଶେଷ ହେଉଥିବା/ ଅନୁଚ୍ଚାରିତ ଦୁଃଖପରି ଜଳିଯାଉଥାଏ ସମୟ ଓ/ କାଠଗଡ଼ାରେ ପ୍ରଶ୍ନୋତ୍ତର ଆଳରେ ବନ୍ଦୀ ହୋଇଯାଏ/ ବିଚାର ଯାହାର । ଓଡ଼ିଆ ସାହିତ୍ୟ ଆକାଶରେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ କବି କମଳାକାନ୍ତ ଲେଙ୍କା ଯୁଗ ଯୁଗ ଧରି ଚିରନମସ୍ୟ ହୋଇ ରହିବେ ।

+ ସଂପାଦକ-ରଙ୍ଗରାଗ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ମୃତ୍ୟୁର ସୌଦାଗର କରୋନା

ଡ଼. ବିଦ୍ୟାଧର ପଣ୍ଡା



ନବଘନବାବୁ ମାନନୀୟ ପ୍ରଧାନମନ୍ତ୍ରୀଙ୍କର 'ମନ୍ କି ବାତ୍'ପ୍ରସାରଣକୁ ଦିନ ଦଶଟାବେଳୁ ଅପେକ୍ଷାକରି ରେଡିଓ କୁଣ୍ଢେଇ ବସିଛନ୍ତି। ପତ୍ନୀକୁ ବିବଧଭାରତୀରେ ଭୁଲାବିସରା ଗୀତ ବି ଟିକେ ଶୁଣେଇ ଦେଉନାହାନ୍ତି। ପାଂଚମିନିଟ୍‌ରେ ଥରେ ଚ୍ଚ' ଉପରେ ଚ୍ଚ' ପିଆ ଚ୍ଚଲିଛି। ଆଶା ଅଛି ମୋଦୀଜୀ ଆଜି କିଛି ଗୋଟାଏ ବଡକଥା କହିବେ। ଘରବନ୍ଦିକୁ କୋହଳ ବି କରିପାରନ୍ତି। ଗାଁ ଗଣ୍ଡାରେ ଏତେ ଗୁର୍ଖା ପୋଲିସ ଭର୍ତ୍ତି ଯେ ସ୍ଥାନିୟ ନେତା କିସମର ଲୋକଙ୍କୁ ତାଙ୍କର ତିଳେହେଲେ ଖାତିର ନାହିଁ। ତାସପାଲି ବନ୍ଦ, ଚାନ୍ଦିନି ଖାଲି। ଏତେଦିନ ଘରେ ରହିରହି ବୋର୍ ହେବାରୁ କାଲି ଦ୍ୱିପ୍ରହର ସମୟରେ ନବଘନବାବୁ ବଜାର ଛକଆଡେ ଚ୍ଚଲଚ୍ଚଲ ହୋଇ ବୁଲି ବାହାରିଥିଲେ। ପଛଗଳିରୁ ଦୁଇଟା ଚ୍ଚରିଫୁଟିଆ ନେପାଳି ଆଖି ମିମି କରି ମାଡିଆସି ନଳିଗୋଡ ଗୋଛିକି ଗୋଛିକି ଉଣ୍ଡି ପାହାର ନାଛି ଦେଇଗଲେ। ନବଘନବାବୁ ରୁହରୁହ କହିକହି ପରେ ଇଲୋ ବୋଉଲୋ, ଇଲୋ ବାପାଲୋ ଚିତ୍କାର କଲେ। ସନ୍ଧ୍ୟାରେ ସରପଂଚକୁ ଡାକି ଏକଥା କହି ଦେହରେ ପୋଲିସ ପାହାରରେ ବସିଥିବା ନୋଳା ଦେଖେଇଲେ। ସରଂପଚ କହିଲା ପ୍ରଥମଦିନ ମୋତେ ବି ମାରିବାକୁ ପାହାର ଉଁଚେଇଥିଲେ। ଭାଗ୍ୟଭଲ ମୋ ଛାତି ପକେଟରୁ ନାଲିଆ କାର୍ଡଟା ବାହାର କରି ଦେଖାଇବାରୁ ଗଦ ଶୁଙ୍ଘେଇଲେ ତମ୍ପସାପ ଥମିଲା ପରି ଥମିଗଲେ, ଆଉ ବାଡେଇଲେନି। ଏବେ ଆମ ପଂଚାୟତର ଗାଡି ଡ୍ରାଇଭର, ଯେଉଁମାନେ ବାହାରରାଜ୍ୟରୁ ଫେରିଛନ୍ତି ସେମାନଙ୍କୁ ହାଇସ୍କୁଲରେ ରଖି ତାଙ୍କର ଖାଇବାପିଇବା କଥା ବୁଝୁଛି ବୋଲି ମୋତେ ଯିବାଆସିବା କରିବାକୁ ଦେଉଛନ୍ତି। ନହେଲେ ମୋତେ ବି ତୁମଭଳି ବାଡେଇ ପକାନ୍ତେ। ସେମାନେ କାହାକୁ ଚିହ୍ନନ୍ତିନି କି କାହାକଥା ଶୁଣିବେନି। ତେଣୁ ନିଜନିଜ ଘରେ ରହିଲେ କରୋନାରୁ ରକ୍ଷା, ସେମାନଙ୍କ ମାଡରୁ ବି ରକ୍ଷା।

ନବଘନବାବୁ ବାରମ୍ବାର ଘଡିକି ଚ୍ଚହୁଁଛନ୍ତି। ଆଜି ଏଗାର ବାଜିବାକୁ ବେଶି



ସମୟ ନେଉଛି। ଧର୍ମପତ୍ନୀଙ୍କୁ କଅଁଳ ଡାକଟିଏ ମାରି ପଚ୍ଚରିଲେ, 'ତୁମଘରୁ ଯେଉଁ କାନୁଘଡିଟା ଆଣିଛ, ସେଇଟା ଠିକ୍‌ଚ୍ଚଲୁଛି ନା ତୁମପରି ସ୍ଲୋ ହୋଇଗଲାଣି ?'- ତୁମ ଛୋପରା କଥା ମୋତେ ଭଲ ଲାଗେନି। ସ୍ଲୋ କାହିଁକି ଚ୍ଚଲିବ ? - ନାଇଁମ ! ସେତେବେଳୁ ମୁଁ 'ମନ୍ କି ବାତ୍‌ନ୍ତ ଶୁଣିବାକୁ ଜଗିଛି ଯେ' ଏବେଯାଏ ସେଥିରେ ଖାଲି ଦଶଟା ଚ୍ଚଲିଶି ବାଜୁଛି। ଏଗାର ବାଜିବାକୁ ଆଉରି କୋଡିଏ ମିନିଟ୍ ବାକି। - ଦିନେ ନାହିଁ, କାଳେ ନାହିଁ ଆଜି ଏତେ କାହିଁକି ଜଗିଛ ? - କାଳେ ମୋଦୀଜୀ କହିବେ ଯେ ଘରେ ବସି ପୂରାଦିନ ଯେଉଁମାନେ ବୋର୍ ହେଉଛନ୍ତି ଘଂଟାଏଘଂଟାଏ ବାହାରେ ବୁଲି ଆସନ୍ତୁ। ଏମିତି ଯଦି କହିଲେ ପୋଲିସ କ୍ୟାମ୍ପ ଆଗରେ ନିଶମୋଡି ଯାଇ ବୁଲିବି।- 'କାଲି ମୋ ମୁହଁକୁ ଚ୍ଚହିଁଲେନି, ଗୋରୁଗାଇ ପରି ପିଟି ଦେଇଗଲେ। ସମୟ ହେଲା, ଆସ ଏଇ ବାରଣ୍ଡାରେ ବସି ଶୁଣିବା।'

'ମନ୍ କି ବାତ୍' ଆରମ୍ଭରେ ମୋଦୀଜୀ ସର୍ବସାଧାରଣଙ୍କ ପାଖରେ ଘରବନ୍ଦି ପରି କଠୋର ନିଷ୍ପତ୍ତି ନେଇଥିବା ଯୋଗୁଁ କ୍ଷମା ମାଗିଲେ। ସେତିକି ଶୁଣି ନବଘନବାବୁ ବାରଣ୍ଡାଉପରୁ ଫକ୍‌କରି ଡେଇଁ ବଡପାଟିରେ ଚିଲେଇଲେ ଯେ ମୋଦୀଜୀ କ୍ଷମା ମାଗିଲେଣି। ଆସ ବାହାରକୁ, ସବୁ ବାହାରେ ବୁଲ। ଏ ଜଙ୍ଗଲି ଢୁଲୁଢୁଲିଆ ଆଖିବାଲା ଗୋର୍ଖାପହ୍ଲଙ୍କୁ ଚ୍ଚଲ କହିବା, ଆମ ଗାଁ ଛାଡି ଘରକୁ ପଳାନ୍ତୁ। 'ମନ୍ କି ବାତ' ପ୍ରସାରଣର ପ୍ରଥମ ଦୁଇମିନିଟ୍ ଶୁଣି ମୋଦୀଜୀଙ୍କୁ କ୍ଷମାଦେଇ ବଜାରଛକ ଆଡକୁ ନବଘନବାବୁ ଚ୍ଚଲିଲେ। ସେଠି ପୋଲିସ୍ କ୍ୟାମ୍ପଆଗରେ ଷଣ୍ଢପରିକା ଛକଉପରେ ଛିଡାହୋଇ ସିଗାରେଟ୍‌ରେ ନିଆଁ ଧରେଇଲେ। କାଲିପରି ଚ୍ଚରିଫୁଟିଆ ଚ୍ଚରିଜଣ ଚ୍ଚରିଟା ଧଡାଧରି ନବଘନବାବୁଙ୍କ ପାଖକୁ ଆସି ଜଣଙ୍କ ପରେ ଜଣେ ଛିଡାହେଲେ। ନବଘନବାବୁ ପାଟିରୁ ଧୂଆଁ କାଢିକାଢି ମୁହଁ ଫୁଟାଣିଦେଖେଇ ପଚ୍ଚରିଲେ, 'କ୍ୟା ମୋଦୀଜୀ କ୍ଷମାମାଙ୍ଗନେ କା ବାତ୍ ଶୁନା କି ନେହିଁ? ଅଭି ହମ୍ ତୋ ପୂରା ଦିନ ବାହାର ଘୁମେଙ୍ଗେ, ଘର ମେ ଔର ବୈଠେଙ୍ଗେ ନେହିଁ।' ଏତିକି କହିଛନ୍ତି ସମସ୍ତେ ଏକାଥରକେ ତାଙ୍କୁ ଧଡାରେ ଆଗପଛରୁ ଅନ୍ଧାଧୁନ୍ ବାଡେଇବା ଆରମ୍ଭ କଲେ। ସତ କୁ ସତ ସେ ମାଡ ପରେ ତାଙ୍କର ଆଉ ଘରେ ବସିବାପାଇଁ କ୍ଷମତା ନଥିଲା। ଆସି ପେନ୍‌କିଲର୍ ଔଷଧ ଖାଇ ଶୋଇବାକୁ ହେଲା। ସେତେବେଳକୁ ପ୍ରସାରଣର ଶେଷରେ ମୋଦୀଜୀ ବାରମ୍ବାର ନିଜନିଜର ଘରେରୁହନ୍ତୁ, ବାହାରକୁ ନ ବାହାରନ୍ତୁ ବୋଲି ଅପିଲ୍ କରୁଥିବାର ନବଘନବାବୁ ଶୋଇଶୋଇ ଶୁଣୁଥିଲେ। ନବଘନବାବୁଙ୍କ ଆଖି ବୁଜିବୁଜି ହୋଇ ଆସୁଥିଲା। ପତ୍ନୀ କହୁଥିଲେ ଅଳ୍ପ କେଇପଦ କଥା ଶୁଣି ମୋଦୀଜୀଙ୍କ ଭାଷଣରୁ ଫାଳେବୁଝିକି ତୁମେ ବାହାରକୁ ଯାଇ କିଛି ଠିକ୍ କଲନି। ଅଯଥା ମାଡ ଗୁଡାଏ ଖାଇଲ, ଦେହ ଦରଜ କରେଇଲ। ମୋର ଏବେ ଗରମପାଣି ସେକ ଦେଇଦେଇ ହାଲତ ଖରାପ ହେବ।

କରୋନା ଭୂତାଣୁରେ ସାରାବିଶ୍ୱ ଆଜି ଆତଙ୍କିତ। ସୃଜନକାଳ ଆରମ୍ଭରୁ ଏପର୍ଯ୍ୟନ୍ତ ବୋଧହୁଏ ଏପରି କୋକୁଆ ଭୟ ଲୋକମାନଙ୍କ ମନରେ ପୂର୍ବରୁ କେବେ ବି ପଶିନଥିଲା। ଇଟାଲୀ ପରେ ଏବେ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଦେଶ ଆମେରିକା କରୋନା ଆଗରେ ନିଜକୁ ସମର୍ପଣ କରିଦେଲା ପରି ଲାଗୁଛି। ଆମେରିକାରେ ଏବେ କରୋନାଆକ୍ରାନ୍ତଙ୍କ ସଂଖ୍ୟା ସବୁଠାରୁ ବେଶି, ପ୍ରାୟେ ଦେଢ ଲକ୍ଷଲୋକ ପ୍ରଭାବିତ। ଚାଇନା ଠାରୁ ବଳିଗଲାଣି, ଏବେ ଆମେରିକା ହିଁ ବିଶ୍ୱର ପ୍ରଥମ କ୍ଷତିଗ୍ରସ୍ତ ଦେଶ। ବିଜ୍ଞାନ ଆଜି ବହୁତ ଅଗ୍ରଗତି କରିଥିଲେ ସୁଧା, ଏପର୍ଯ୍ୟନ୍ତ କରୋନା ଭୂତାଣୁର ନିର୍ଦ୍ଦିଷ୍ଟ କିଛି ଉପଚ୍ଚର ଉଦ୍ଭାବନ କରିବାକୁ ସକ୍ଷମ ହୋଇପାରିନାହିଁ। ନିଜର ସୁରକ୍ଷା ନିଜ ହାତରେ। ଜିଅନ୍ତା ମଣିଷକୁ ହିଁ ବୋର୍ ଲାଗିବ। ମରିଗଲେ ଗଲା। ଆଜି ବିଶ୍ୱରେ ଯେଉଁ ତିରିଶହଜାର ଲୋକ କରୋନା ଭୂତାଣୁପାଇଁ ପ୍ରାଣ ହରାଇଛନ୍ତି ସେମାନେ ଏମିତି ଦିନେ ଘରେ ରହିରହି ବୋର୍ ହୋଇ ଯାଉଥିଲେ। ତାପରେ ବାହାରକୁ ମନ ଆନମାନ କରିବାକୁ ବାହାରି କରୋନା ଭୂତାଣୁକୁ ନିଜଘରକୁ ସ୍ୱାଗତ କରିଥିଲେ। ଏବେ ସ୍ୱର୍ଗବାସୀ ହେବା ପରେ ଆଉ ବୋର୍ ହେବାର ପ୍ରଶ୍ନ ଉଠୁନାହିଁ। ଆପଣଙ୍କ ପସନ୍ଦ ଯାହା ସେଇଆ କରନ୍ତୁ। ତେଣୁ ଜଣେ ସୁନାଗରିକର ଦାୟିତ୍ୱ ହେଲା ସରକାରଙ୍କର ଯାହା ନିର୍ଦ୍ଦେଶ ତାକୁ ଅକ୍ଷରେଅକ୍ଷରେ ପାଳନ କରିବା, ନିଜ ଘରେ ରହିବା। ସମାଜିକ ଦୂରତା ରକ୍ଷା କରିବା, ବାରମ୍ବାର ହାତ ଧୋଇବା। ଏଯାବତ୍ ସାତଲକ୍ଷ ଉପରେ ଲୋକ ଆକ୍ରାନ୍ତ ଏବଂ ସତେଇଶି ହଜାରେ ଲୋକଙ୍କ ପ୍ରାଣ ଯାଇସାରିଲାଣି। ତେଣୁ ଏବେ ବିଶ୍ୱର ଏହି ଦୟନିୟ ସ୍ଥିତିକୁ ଦେଖି ଚ୍ଚଲନ୍ତୁ ନିଜ ଜୀବନ ପାଇଁ ନିଜେ ସତର୍କ ରହି ସମାଜ ଓ ଜାତିପାଇଁ ନିଜର ନୈତିକ ଦାୟିତ୍ୱ ନିର୍ବାହ କରିବା ପୂର୍ବକ ଭଲରେ ଚିହ୍ନିବା ଏ ଭୁତାଣୁକୁ ଯିଏ କି ପ୍ରକୃତରେ ଗୋଟିଏ ନିଷ୍ଠୁର ମୃତ୍ୟୁର ସୌଦାଗର କରୋନା।

+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧,
bdpanda1@gmail.com

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ଅଗଷ୍ଟ ୧୯, ୨୦୨୦

# କଣ୍ଢେଇର ଭୂତ



କାନ୍ଦୁଥିବା ଛୋଟପିଲା ହାତରେ କଣ୍ଢେଇଟିଏ ଧରେଇ ଦେଲେ ତା' ଚେହେରାରେ ଖୁସି ଖଲସି ଉଠେ । କିନ୍ତୁ ସେଇ କଣ୍ଢେଇ ଯଦି ପିଲାକୁ ହସାଇବା ବଦଳରେ ତା'କୁ ଡରାଏ, ତା'ହେଲେ ଭାବନ୍ତୁ ପିଲାର ଅବସ୍ଥା କ'ଣ ହେବ । ଅନେକେ ହୁଏତ ଏହି କଥା ଉପରେ ବିଶ୍ୱାସ କରିବେ ନାହିଁ । କିନ୍ତୁ ଆଖିରେ ଦେଖିଥିବା, ଅଙ୍ଗେ ନିଭେଇଥିବା ଅନେକ ଲୋକ କଣ୍ଢେଇକୁ ନେଇ ନିଜ ନିଜ ଭୌତିକ ଅଭିଜ୍ଞତା ବିଷୟରେ ଦୁନିଆ ଆଗକୁ ଆଣିଛନ୍ତି । କଣ୍ଢେଇ ସହିତ ଖେଳିବା ସବୁ ଛୋଟ ପିଲାଙ୍କ ପସନ୍ଦ । ଅନେକ ପିଲା ଅଛନ୍ତି ଯେଉଁମାନଙ୍କ ପାଇଁ ସାରା କ୍ଷଣର ସାଥୀ ପ୍ରିୟ କଣ୍ଢେଇ । ଅଳ୍ପ ସମୟ ପାଇଁ ହେଲେ ବି ସେମାନେ ନିଜ କଣ୍ଢେଇକୁ ହାତଛଡ଼ା କରିବାକୁ ଦିଅନ୍ତି ନାହିଁ । କଣ୍ଢେଇଗୁଡ଼ିକ ଦେଖିବାକୁ ଏତେ ଯେ ବୟସ୍କମାନେ ମଧ୍ୟ ଅନେକ ସମୟରେ ତାହା ପ୍ରେମରେ ପଡ଼ିଯାଆନ୍ତି । ବର୍ତ୍ତମାନ ତୁଳା, ପ୍ଲାଷ୍ଟିକ୍ ଏବଂ ରବର ଆଦିରେ ବିଭିନ୍ନ ପ୍ରକାର କଣ୍ଢେଇ ବଜାରରେ ଉପଲବ୍ଧ । ବ୍ୟାଟେରି ଚାଳିତ କଥା କୁହା କଣ୍ଢେଇ ମଧ୍ୟ ଅଛି । ହେଲେ ଏହି ସବୁ କଣ୍ଢେଇର ବାସ୍ତବ ଜୀବନରେ କୌଣସି ଅସ୍ତିତ୍ୱ ନାହିଁ । କାରଣ ପୁରୁଣା ହେବା ପରେ ଫିଙ୍ଗି ଦିଆଯାଏ । ହେଲେ ଏମିତି କିଛି କଣ୍ଢେଇର ଅସ୍ତିତ୍ୱ ବିଷୟରେ ଆପଣ ଯଦି ଜାଣିବେ ତେବେ ନିଶ୍ଚିତ ଭାବେ ଭାବିବାକୁ ବାଧ୍ୟ ହେବେ । କାରଣ ସେହି କଣ୍ଢେଇଗୁଡ଼ିକ ମନରେ ଭୀତ ସଞ୍ଚାର ପାଇଁ ଯଥେଷ୍ଟ । ସେତିକି କଣ୍ଢେଇର ମୁହଁ ବିକଟାଳ ହୋଇଥାଏ । ଲୋକଙ୍କୁ ମାରି ଦେଉଥାଏ । ଆପଣ ଏମିତି କଣ୍ଢେଇ ଫିଲ୍ମରେ ଦେଖିଥିବେ ନିଶ୍ଚୟ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଦୁନିଆରେ ଏମିତି କେତୋଟି ଭୂତ କଣ୍ଢେଇର ଏବେ ବି ଅସ୍ତିତ୍ୱ ରହିଛି । ଏହି କଣ୍ଢେଇଗୁଡ଼ିକ ବାସ୍ତବ ଜୀବନରେ ଘଟାଇଥିବା ଭୌତିକ କାଣ୍ଡକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି । କୁହାଯାଏ ସେ ସେଇ କଣ୍ଢେଇ ଭିତରେ ସଇତାନ ଶକ୍ତି ବାସ କରିଥାଏ ଯାହା ଲୋକଙ୍କୁ କ୍ଷତି ପହଞ୍ଚାଇଥାଏ । ଇତିହାସରେ ଏମିତି ଅନେକ ଆଧିଭୌତିକ ଘଟଣା ଘଟିଛି ଯାହା ପଛରେ ଭୂତତ କଣ୍ଢେଇର ହାତ ରହିଛି ବୋଲି ବିଶ୍ୱାସ କରାଯାଏ । ଏମିତିକି କିଛି ଲୋକ ଏକଥାରେ ପ୍ରମାଣ ମଧ୍ୟ ଦେଇଛନ୍ତି । ସେମିତି କେତୋଟି ଭୌତିକ କଣ୍ଢେଇର ଅସ୍ତିତ୍ୱ ତଥା ସେଗୁଡ଼ିକ ଘଟାଇଥିବା କିଛି ଭୌତିକ ଘଟଣାକୁ ନେଇ ଏଥରର ପ୍ରଚ୍ଛଦ ପ୍ରସଙ୍ଗ ।

### କଣ୍ଢେଇ ରୂପରେ ସଇତାନ:

ଏହି କାହାଣୀ ଏକ ସତ ଭୂତ କଣ୍ଢେଇର କାହାଣୀ । ଯାହାର ନାଁ ଆନାବେଲ୍ । ଆଜି ବି ଏହି ଭୂତ କଣ୍ଢେଇ ରହିଛି । ଏହି କଣ୍ଢେଇକୁ କେହି ବି ନିଜ ଘରେ ରଖିବାକୁ ଚାହାନ୍ତି ନାହିଁ । ଏହି କଣ୍ଢେଇ ଉପରେ ହଲିଉଡ୍ ହରର୍ ଫିଲ୍ମ 'ଆନାବେଲ୍' ତିଆରି ହୋଇଛି । ଫିଲ୍ମ 'ଆନାବେଲ୍'ରେ ଯେଉଁ କାହାଣୀ ଦେଖାଯାଇଥିଲା ତାହା ସତ୍ୟ କାହାଣୀ ଉପରେ ଆଧାରିତ ଥିଲ । ଏହି କଣ୍ଢେଇକୁ ଭୂତ କଣ୍ଢେଇ କହିବାର କାରଣ ଅଛି । ଏହି କଣ୍ଢେଇ ସଂସ୍ପର୍ଶରେ ଆସିଥିବା ଅନେକ ଲୋକଙ୍କ ବିଶ୍ୱାସ ଯେ ଏହା ଆପେ ଆପେ ଚାଲିଥାଏ । ଆମେରିକୀୟ ଲେଖକ ଜନ୍ ଗ୍ରୁଏଲ ପ୍ରଥମ ନିଜର ଏକ ବହି ରଚନାରେ ଏହି କଣ୍ଢେଇ ବିଷୟରେ ଉଲ୍ଲେଖ କରିଥିଲେ । ହେଲେ ସତ କଥା ଏଇଟା ଯେ ଏହି କଣ୍ଢେଇ ରହସ୍ୟମୟ ଭାବେ ତାଙ୍କ ଜୀବନକୁ ଆସିଥିଲା । ଏହି କଥା ସେତେବେଳର ଯେତେବେଳେ ଜନ୍ ଗ୍ରୁଏଲ ପିଲାଙ୍କ ପାଇଁ ଏକ ପୁସ୍ତକ ରଚନା କରିବାକୁ ଯାଉଥିଲେ । ସେ ର୍ୟାଜଡ଼ି ଆନ୍ ସିରିଜ ନାମକ ଏକ ପୁସ୍ତକ ସହିତ ଆନାବେଲ୍ କଣ୍ଢେଇକୁ ବଜାରରେ ଲଞ୍ଚ କରିଥିଲେ । ତାଙ୍କର ଏହି ବହି ଲୋକଙ୍କୁ ବହୁତ ପସନ୍ଦ ଆସିଥିଲ । ଜନ୍‌ଙ୍କ ସେଇ କଣ୍ଢେଇ ତାଙ୍କ ଘରର ପଛପଟେ ବଗିଚାରୁ ମିଳିଥିଲା । ଯେତେବେଳେ ତାଙ୍କ ଝିଅ ମାର୍ଶଲା ଜନ୍ମ ହୋଇଥିଲା, ସେ ସେଇ କଣ୍ଢେଇ ସହିତ ଖେଳିଥିଲା । ଜନ୍ ମାର୍ଶଲାକୁ





ଯେତେବେଳେ ସେଇ କଣ୍ଢେଇ ସହିତ ଖେଳୁଥିବାର ଦେଖିଥବଲେ ସେତେବେଳ ତାଙ୍କ ମନକୁ ର୍ୟାଜଡ଼ି ଆନ କାହାଣୀ ଲେଖିବାର ବିଚାର ଆସିଥିଲା । ହେଲେ ଦୁଃଖର କଥା ୧୩ ବର୍ଷ ବୟସରେର ମାର୍ଶଲାର ମୃତ୍ୟୁ ହୋଇ ଯାଇଥିଲା । ଝିଅର ମୃତ୍ୟୁ ପରେ ଜନ୍ ର୍ୟାଜଡି ଆନ ଷ୍ଟୋରିଜ୍‌କୁ ବଜାରରେ ବିକ୍ରି କରିଥିଲେ । ବହିର କଭର ପେଜ୍‌ରେ କଣ୍ଢେଇର ଚିତ୍ର ମଧ୍ୟ ଥିଲା । ତାଙ୍କ ଝିଅ ମାର୍ଶଲାକୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଝିଅ ସବୁଠୁ ବେଶି ଭଲପାଉଥିବା କଣ୍ଢେଇକୁ ବହିରେ ଛାପିଥିଲେ । ହେଲେ ମାର୍ଶଲାର ମୃତ୍ୟୁ ପରେ ସେଇ କଣ୍ଢେଇ ଆଶ୍ଚର୍ଯ୍ୟଜନକ ଭାବେ ଜନ୍‌ଙ୍କ ଘରୁ ଅଦୃଶ୍ୟ ହୋଇଯାଇଥିଲା । ଜନ୍ ସେଇ କଣ୍ଢେଇକୁ ବହୁ ଜାଗାରେ ଖୋଜିଥିଲେ ହେଲେ ତାଙ୍କୁ ମିଳି ନଥିଲା । ସେହି କଣ୍ଢେଇଟି ମିଳିଥିଲା ଗୋଟିଏ ପୁରୁଣା ଦୋକାନରେ । ଏହା ୧୯୭୦ ମସିହାର କଥା । ଜଣେ ନର୍ସିଙ୍ଗ୍ ଛାତ୍ରୀ ଯାହାର ନାଁ ଥିଲା ଡୋନା, ତା'ର ମା' ସେଇ କଣ୍ଢେଇକୁ ଉପହାର ଦେଇଥିଲା । ହେଲେ ଡୋନା ଜୀବନକୁ ଯେବେଠାରୁ ସେଇ କଣ୍ଢେଇ ଆସିଥିଲା ତା' ସହିତ ବଡ଼ ଅଜବ ଘଟଣା ସବୁ ଘଟୁଥିଲା । ଡୋନା ଦେଖିଥିଲା କଣ୍ଢେଇ ଆପେ ଆପେ ନିଜ ସସ୍ଥାନରୁ ଉଠି ପଡ଼ି ଚାଲୁଥିଲା । ଅନେକ ସମୟରେ ଡୋନା କଣ୍ଢେଇକୁ ତା'ର ରୁମ୍‌ରେ ରଖି ବାହାରକୁ ଚାଲି ଯାଉଥିଲା । ହେଲେ ଫେରିଲା ବେଳକୁ କଣ୍ଢେଇ ରୁମ୍‌ରେ ମିଳୁନଥିଲା । ଗୋଟିଏ ଦିନ ଡୋନା କଣ୍ଢେଇର ହାତ ଏବଂ ପିଠିରେ ରକ୍ତ ଲାଗିଥିବାର ଦେଖିଥିଲା । ସେ ଏମିତି ଦୃଶ୍ୟ ଖେ ପୂରା ଡରି ଯାଇଥିଲା । ସେତେବେଳକୁ ଡୋନା ଜାଣି ସାରିଥିଲା ତା' ସହିତ କିଛି ଖରାପ ହେବାକୁ ଯାଉଛି । ଏହା ପରେ ଡୋନା ଏବଂ ତା'ର ମା ପାରାନର୍ମାଲ ଆକ୍ଟିଭିଟି ଏକ୍ସପର୍ଟ ଏଡ୍ ଏବଂ ଲୋରେନ ୱାରେନଙ୍କୁ ଡାକିଥିଲେ । ସେମାନେ କହିଥିଲେ ସେଇ କଣ୍ଢେଇ ଭିତରେ ଏକ ଶକ୍ତିଶାଳୀ ପ୍ରେତାତ୍ମା ରହୁଛି । ତାଙ୍କୁ ସେଇ କଣ୍ଢେଇକୁ ଘର ବାହାରକୁ ନେଇ ଯିବାକୁ ହେବ । ଯେତେବେଳେ ଏଡ୍ ଏବଂ ଲୋରେନ୍ କଣ୍ଢେଇକୁ ଗାଡ଼ିରେ ଓକ୍କୋଲ୍ଟ ମ୍ୟୁଜିୟମ ନେଇ ଯାଉଥିଲେ ଆନାବେଲ୍ କଣ୍ଢେଇ ତାଙ୍କୁ ଅଟକାଇବାକୁ ପୂରା ଶକ୍ତି ଲଗାଇ ଦେଇଥିଲା । କଣ୍ଢେଇ ବାରମ୍ବାର କାର୍‌ର ଷ୍ଟିଅରିଙ୍ଗ୍ ବଦଳାଇବାକୁ ଚେଷ୍ଟା କରୁଥିଲା । ବହୁତ କଷ୍ଟରେ ସେମାନେ ମ୍ୟୁଜିୟମ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ । ସେମାନେ ମନ୍ତ୍ର ଦ୍ୱାରା ଗୋଟିଏ କାଚ ବାକ୍ସ ଭିତରେ ରସେଇ ଆନାବେଲ୍ କଣ୍ଢେଇକୁ ବନ୍ଦ କରି ରଖି ଦେଇଥିଲେ ସବୁଦିନ ପାଇଁ । ଆଜି ବି ସେଇ ମ୍ୟୁଜିୟମ୍‌ରେ ଭୂତ କଣ୍ଢେଇ ରହିଛି । ଏହା ପାଖକୁ କେହି ନ ଯିବାକୁ ଏବଂ ଛୁଇଁବାକୁ ନିଷିଦ୍ଧ କରାଯାଇଛି ।

### ଝୁଲନ୍ତା କଣ୍ଢେଇର ଦ୍ୱୀପ:



ଆଇଲ୍ୟାଣ୍ଡ୍ ଛୁଟି ଦିନ ଉପଭୋଗ କରିବା ଲାଗି ସବୁଠୁ ଭଲ ସ୍ଥାନ ହୋଇଥାଏ । ଆଜିକାଲି ଫିଲ୍ମଗୁଡ଼ିକର ସୁଟିଙ୍ଗ ମଧ୍ୟ ଆଇଲ୍ୟାଣ୍ଡ୍‌ରେ ହେଉଛି । ହେଲେ ଦୁନିଆରେ ଏମିତି ମଧ୍ୟ ଆଇଲ୍ୟାଣ୍ଡ୍ ରହିଛି ଯାହା ଅନେକଙ୍କ ପାଇଁ ରହସ୍ୟମୟ । ଏମିତି ଗୋଟିଏ ଆଇଲ୍ୟାଣ୍ଡ୍ ଯେଉଁଠି ହଜାର ହଜାର ସଂଖ୍ୟକ ଝୁଲନ୍ତା କଣ୍ଢେଇ ଦେଖିବାକୁ ମିଳେ । ଏହା ମେକ୍ସିକୋ ସହରରୁ ୧୭ କି.ମି. ଦୂର ଲା ଇସଲା ଡେ ଲା ମୁନିକାସ୍ ଆଇଲ୍ୟାଣ୍ଡ୍ । ୧୯୯୦ ପରଠାରୁ ଏହି ଆଇଲ୍ୟାଣ୍ଡ୍‌କୁ ଡଲ୍ ଆଇଲ୍ୟାଣ୍ଡ୍ କୁହାଯାଉଛି । କାରଣ ୧୯୯୦ରେ ପ୍ରଥମ ଥର ପାଇଁ ଏଠାରେ ହଜାର ସଂଖ୍ୟକ ପୁରୁଣା କଣ୍ଢେଇ ଗଛରେ ଝୁଲୁଥିବାର ଦେଖିବାକୁ ମିଳିଥିଲା । ପୁରୁଣା ଭଙ୍ଗାରୁଜା ହୋଇଥିବା ଝୁଲନ୍ତା କଣ୍ଢେଇ ପଛର କାହାଣୀ ମଧ୍ୟ ରୋମାଞ୍ଚପୂର୍ଣ୍ଣ । କୁହାଯାଏ ଯେ ସୈଣ୍ଟାନା ବାରେନା ନାମକ ଜଣେ ଲୋକ ଏହି ଦ୍ୱୀପରେ ରହୁଥିଲେ । ସୈଣ୍ଟାନା ଏହି ଦ୍ୱୀପକୁ ଯେତେବେଳେ ରହିବାକୁ ଆସିଥିଲେ ସେତେବେଳେ ସେ ଏକୁଟିଆ ଥିଲେ । ହେଲେ ସୈଣ୍ଟାନା ରହିବାର କିଛି ଦିନ ପରେ କିଛି ଲୋକ ତାଙ୍କ ସହିତ ଜଣେ ଛୋଟ ଝିଅ ରହୁଥିବାର ଦେଖିବାକୁ ପାଇଥିଲେ । ସମୁଦ୍ର କୂଳରେ ବୁଡ଼ି ସେଇ ଝିଅର ମୃତ୍ୟୁ ହୋଇଯାଇଥିଲା । ଝିଅର ମୃତ୍ୟୁ ଯେଉଁ ସ୍ଥାନରେ ହୋଇଥିଲା ସେଠାରେ ଗୋଟିଏ କଣ୍ଢେଇ ପଡ଼ିଥିବାର ସୈଣ୍ଟାନା ଦେଖିବାକୁ ପାଇଥିଲେ । ସୈଣ୍ଟାନା ଅନୁଭବ କରିଥିଲେ ଯେ ସେଇ କଣ୍ଢେଇ ଭିତରେ ସେଇ ଛୋଟ ଝିଅର ଆତ୍ମା ଥିଲା । ସେ ସେଇ କଣ୍ଢେଇକୁ ନେଇ ଗଛରେ ଟାଙ୍ଗି ଦେଇଥିଲେ । ସେବେଠାରୁ ସେ ରହସ୍ୟମୟ ଭାବେ ଆଇଲ୍ୟାଣ୍ଡ୍‌ରେ ଅନେକ ଭଙ୍ଗାରୁଜା କଣ୍ଢେଇ ପାଇଥିଲେ । ସୈଣ୍ଟାନା ସବୁ କଣ୍ଢେଇକୁ ନେଇ ଗଛରେ ଝୁଲାଇ ଦେଉଥିଲେ । ସେ ଏହି ଦ୍ୱିପରେ ୫୦ ବର୍ଷ ପର୍ଯ୍ୟନ୍ତ ରହିଥିଲେ । ତାଙ୍କର ମୃତ୍ୟୁ ମଧ୍ୟ ରହସ୍ୟମୟ ଭାବେ ହୋଇଥିଲା । ସେଇ ଛୋଟ ଝିଅ ପରି ତାଙ୍କର ଶବ ମଧ୍ୟ ପାଣିରେ ଭାସୁଥିବାର ଦେଖିବାକୁ ମିଳିଥିଲା । ବର୍ତ୍ତମାନ ଏହି ଦ୍ୱୀପ ପର୍ଯ୍ୟଟନସ୍ଥଳ ପାଲଟିଛି ସତ । ହେଲେ ରାତି ହେବା ପୂର୍ବରୁ ସମସ୍ତେ ସେଇ ସ୍ଥାନରୁ ବାହାରି ଆସନ୍ତି । କୁହାଯାଏ ଯେ ଏବେ ବି ସେଇ ଝିଅର ଆତ୍ମା ଦ୍ୱୀପରେ ଝୁଲୁଥିବା କଣ୍ଢେଇ ଭିତରେ ରହିଛି । ଆଉ କେହି କେହି ରାତିରେ ଝିଅର କାନ୍ଦୁଥିବା ସ୍ୱର ମଧ୍ୟ ଶୁଣିବାକୁ ପାଇଛନ୍ତି ।



# ତାରକାଙ୍କ ପୋଷା ଜନ୍ତୁ !



ବଲିଉଡ୍‌ର ଅନେକ କଳାକାର ଘରେ କିଛି ନା କିଛି ଜନ୍ତୁ ପାଳିଛନ୍ତି । ଅଧିକାଂଶ ରଖିଛନ୍ତି କୁକୁର ଓ ବିଲେଇ । ଭଗବାନଙ୍କର ଏହି ଦୁଇଟି ଅମୂଲ୍ୟ ସୃଷ୍ଟି ଅଧିକାଂଶ ମଣିଷଙ୍କର ବେଶ୍ ପ୍ରିୟ । କୁକୁର ଓ ବିଲେଇ ଘରେ, ପରିବାରର ସଦସ୍ୟଭ୍ କ ଭଳି ଚଳିପାରନ୍ତି । ମାଲିକ ପ୍ରତି ସେମାନଙ୍କ ସ୍ନେହ-ଶ୍ରଦ୍ଧା-ଦୁର୍ବଳତା କହିଲେ ନ ସରେ । ଅନୁଷ୍କାଙ୍କ କୁକୁରର ନାମ- ଡ୍ୟୁଡ୍ । ଅଦିତି ରାଓ ହୈଦରୀ ଦୁଇ ଦୁଇଟି ପାଳିଛନ୍ତି । ନାମ ରଖିଛନ୍ତି- ଜୋୟୀ ଓ ଗୀଗୀ । ପ୍ରିୟଙ୍କ ଚୋପଡ଼ାଙ୍କ ଛୋଟିଆ ମାଈ ଚିହାଉହୁଆର ନାମ- ଡାଏନା । ଜାକେଲିନ୍ ଫର୍ନାଣ୍ଡିଜ୍ ମିଉ ମିଉ ନାମକ ମିଆଁଉଟିଏ ପାଳିଛନ୍ତି । ରଣଦୀପ ହୁଡ଼ାଙ୍କ କୁକୁରର ନାମ ବାମ୍ଫି ଏବଂ ଘୋଡ଼ାର ନାମ ରଣଜୀ । ଆଲିୟା ଭଟ୍ଟ ବିଲେଇ ପାଳିଛନ୍ତି; ନାମ- ଏଡ୍‌ୱାର୍ଡ୍ । ସୋନାକ୍ଷୀ ସିହ୍ନା ନିଜର ଡେସ୍‌ହଣ୍ଡ୍ କୁକୁରର ପଂଜାବୀ ନାମ ରଖିଛନ୍ତି- ଗବରୁ । ଶ୍ରଦ୍ଧା କପୁରଙ୍କ କୁକୁରର ନାମ ସିଲୋ । ରତିକ ରୋଶନ ପାଳିଛନ୍ତି ଜେନ୍ ନାମା ଲାବ୍ରାଡର୍ ।











# ଅଯଥା ଖର୍ଚ୍ଚରୁ ବର୍ତ୍ତିବାର ଉପାୟ



ଆଜିକାଲି ସମୟରେ ଗୃହିଣୀମାନେ ଘର ସଉଦା, ପନିପରିବା କିଣିବାକୁ ସୁପରମାର୍କେଟ ଯିବାକୁ ଅଧିକ ପସନ୍ଦ କରୁଛନ୍ତି । ୨୭% କର୍ମଜୀବୀ ମହିଳାଙ୍କ ମତରେ ଗୋଟିଏ ମାର୍କେଟ୍‌ରେ ସେମାନେ ସମସ୍ତ ପ୍ରକାର ସାମଗ୍ରୀ କିଣିପାରନ୍ତି । ସମୟ ବଞ୍ଚିବା ସହ ନାମୀଦାମୀ କମ୍ପାନୀର ଉନ୍ନତମାନର ଜିନିଷ କିଣିବାର ସୁଯୋଗ ମିଳିଥାଏ । ନିକଟରେ ବିଶ୍ୱର ପ୍ରମୁଖ ମହାନଗରୀରେ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି, ସୁପରମାର୍କେଟ୍‌ରୁ ନିୟମିତ ସପିଂ କରୁଥିବା ଲୋକ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିଥାନ୍ତି । ୨୦୧୯ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ଏହି ଅନୁଧ୍ୟାନ ହୋଇଥିଲା । ମଧ୍ୟବିତ୍ତ ଓ ଧନିକ ଉଭୟ ବର୍ଗର ଗ୍ରାହକଙ୍କ ସୁପରମାର୍କେଟ୍‌ରେ ଭିଡ ଦେଖିବାକୁ ମିଳିଥାଏ ।

-ଆପଣଙ୍କର କେଉଁ ସାମଗ୍ରୀ କିଣିବା ଆବଶ୍ୟକ, ତାହାର ତାଲିକା ଘରୁ ପ୍ରସ୍ତୁତ କରିନେଇଯାନ୍ତୁ । ବିନା ତାଲିକାରେ ସୁପର୍‌ମାର୍କେଟ୍ ଯାଉଥିଲେ ଜଣେ ବ୍ୟକ୍ତି ଅନାବଶ୍ୟକ ଜିନିଷମାନ ପ୍ରଥମେ କିଣିଥାଏ ।

♦ ବିଶେଷଜ୍ଞଙ୍କ ମତରେ ଭୋକିଲା ପେଟରେ ଫୁଡ୍ ବଜାର୍ ଆଦୌ ଯାଆନ୍ତୁ ନାହିଁ । ଚିଡ଼ଚିଡ଼ା, ଭୋକରେ ମଧ୍ୟରେ ୫୫%ରୁ ଅଧିକ ଲୋକ ଅଯଥା ଜିନିଷ କିଣୁଥିବାର ଦେଖାଯାଇଛି ।

♦ ସୁପରମାର୍କେଟ୍ ଯାଉଥିଲେ ସେଲ୍ ଲାଗିଥିବା କୋଣକୁ ଯିବାକୁ ଯେପରି ନ ଭୁଲନ୍ତୁ । ଭଲଭଲ ବ୍ରାଣ୍ଡର ସାମଗ୍ରୀମାନ ଏଠାରେ କମ୍ ମୂଲ୍ୟରେ ମିଳିଯାଏ, କେବଳ ଯାହା ଦେଖିପରଖି ଆପଣ କିଣିବେ ।

♦ ଫୁଡ୍ ବଜାର୍‌ରେ ଥାକଗୁଡ଼ିକରେ ସାମ୍ନାରେ ଥିବା ଜିନିଷକୁ ଉଠାନ୍ତୁନାହିଁ । ପଛକୁ ଥିବା ସାମଗ୍ରୀ ଆଣିବା ବୁଦ୍ଧିମାନର ପରିଚୟ; କାରଣ ସାମ୍ନାରେ ଥିବା ସାମଗ୍ରୀକୁ ଅନେକ ଗ୍ରାହକ ହାତ ମାରିଥାନ୍ତି । ସେସବୁ ପ୍ୟାକେଟ୍ ଫାଟିଯାଇଥିବାର ଭୟକୁ ଏଡ଼ାଇ ଦିଆଯାଇନପାରେ ।

♦ ସୁପର୍‌ମାର୍କେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ସହାୟତା ନିଅନ୍ତୁ । କେଉଁ ସାମଗ୍ରୀରେ କ'ଣ ଅଫର୍ ଅଛି, ଏମାନେ ନିର୍ଭୁଲ୍ ତଥ୍ୟ ଦେଇପାରନ୍ତି । ବଡ଼ବଡ଼ ପ୍ୟାକେଟ୍ କିଣନ୍ତୁ, ଏସବୁରେ ଅଧିକ ରିଆତି ମିଳିଥାଏ ।

## ସ୍ୱାସ୍ଥ୍ୟ ଟିପ୍ସ

କଣ୍ଡୁଦୋଷ ଏକ ସାଧାରଣ ଚର୍ମରୋଗ । ବିଭିନ୍ନ କାରଣରୁ ଶରୀର କୁଣ୍ଡେଇ ହୁଏ । ବେଳେବେଳେ ସେ ଭଳି କୌଣସି ଗୁରୁତ୍ୱର ଚର୍ମଦୋଷ ନ ଥାଇ ବି ଶୁଷ୍କତା ଆଦି ଯୋଗୁଁ କଣ୍ଡୁ ହୁଏ । ଲିଭର୍‌ପୁଲ୍ ଜୁନ୍ ମୁର୍‌ସ ବିଶ୍ୱବିଶ୍ୱଦ୍ୟାଳୟ ଏବଂ ମାଞ୍ଚେଷ୍ଟର୍ ବିଶ୍ୱବିଦ୍ୟାଳୟର କିଛି ଗବେଷକ ଏବେ ଏହାକୁ ସାଧାରଣ ଚର୍ମ ବିକୃତି ନୁହେଁ, ବରଂ ଏକ ମାନସିକ ବ୍ୟାଧି ବୋଲି କହିଲେଣି । ଜଣକୁ କୁଣ୍ଡାଉଥିବା ଦେଖିଲେ, ଅନ୍ୟ ଜଣେ କୁଣ୍ଡେଇବା ପାଇଁ ଇଚ୍ଛା କରେ । କୁଣ୍ଡାଉଥିବାର ଫଟୋ ଦେଖିଲେ ବି କୁଣ୍ଡେଇବାର ମାନସିକତା ଜାଗ୍ରତ ହୁଏ । ଆଲୋଚନା ମାଧ୍ୟମରେ ଏ ଭଳି ବିଚିତ୍ର ତଥ୍ୟ ପାଇଲା ପରେ ଗବେଷକମାନେ କୌତୂହଳୀ ହୋଇ କଣ୍ଡୁଦୋଷ ଥିବା ଏବଂ ନ ଥିବା ମଣିଷଙ୍କ ମସ୍ତିଷ୍କର ସ୍କାନିଂ କରିଥିଲେ । ଦେଖାଗଲା ଯେ, କଣ୍ଡୁଦୋଷ ନଥିବା ମଣିଷର ମସ୍ତିଷ୍କ ମଧ୍ୟ କୁଣ୍ଡାଇବା ପାଇଁ ନିର୍ଦ୍ଦେଶ ଦେଇଛି । ଅର୍ଥାତ୍, କାହାକୁ କୁଣ୍ଡେଇବା ଦେଖିଲେ କଣ୍ଡୁଦୋଷ ନ ଥିବା ମଣିଷର ମସ୍ତିଷ୍କ ସୁଦ୍ଧା ସେ ବାବଦରେ ସଙ୍କେଦ ପାଏ ଏବଂ କୁଣ୍ଡାଇବା ପାଇଁ ନିର୍ଦ୍ଦେଶ ଦିଏ । ଏହି ଅଧ୍ୟୟନ ଫଳାଫଳ ଭବିଷ୍ୟତ୍‌ର ମର୍ଚରୋଗ ବିଜ୍ଞାନକୁ ବହୁଳ ଭାବେ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି ।

# କୋଭିଡ୍ ନିୟମ ଉଲ୍ଲଘଂନକାରୀ ସାସଂଦ ପିନାକି ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବ୍ରହ୍ମଗିରି ବିଧାୟକ

ଭୁବନେଶ୍ୱର,୧୮।୮ (ନି.ପ୍ର): ଶାସକ ଦଳର ସାସଂଦ, ନେତା ଓ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର କୋଭିଡ୍-୧୯ ନିୟମର ଉଲ୍ଲଘଂନ କରୁଛନ୍ତି । କୋଭିଡ ନିୟମକୁ ଉଲ୍ଲଘଂନ କରିଥିବା ଶାସକ ଦଳ ନେତା ଓ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ପତ୍ରରେ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ ଚଳିତ ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମଗିରି ବ୍ଲକ ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସାସଂଦ ପାଣ୍ଠିରେ ବ୍ରହ୍ମଗିରି ବ୍ଲକ ଓ କୃଷ୍ଣପ୍ରସାଦ ବ୍ଲକ ନିମନ୍ତେ ବ୍ୟବସ୍ଥା ହୋଇଥିବା ଦୁଇଟି ଆମ୍ବୁଲାନ୍ସର ଲୋକାର୍ପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୁରୀର ସାସଂଦ ପିନାକି ମିଶ୍ର ଲୋକାର୍ପଣ କରିଥିଲା ବେଳେ କାର୍ଯ୍ୟକ୍ରମରେ ଅନ୍ୟାନ୍ୟଙ୍କ ମଧ୍ୟରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା, ଜିଲ୍ଲାପାଳ ଓ ପୁରୀ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବ୍ରହ୍ମଗିରି ତହସିଲଦାର, ବ୍ରହ୍ମଗିରି ଆରକ୍ଷୀ ନୀରିକ୍ଷକ, ବ୍ରହ୍ମଗିରି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ବିଜେଡ଼ି ଦଳର ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷ , ସାଂସଦ ପ୍ରତିନିଧି , ବିଜେଡ଼ି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ପରି ଜନପ୍ରତିନିଧି ଓ ଆପଣଙ୍କ ଦଳର ଅନେକ କର୍ମୀ ଉପସ୍ଥିତ ଥିଲେ । ଉପସ୍ଥିତ ସାଂସଦ, ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରୀ ହୋଇଥିବା କୋଭିଡ୍-୧୯ର ନିୟମକୁ ଉଲ୍ଲଘଂନ କରିଥିଲେ । ସମସ୍ତଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରାଯାଇନଥିଲା । ଅନେକ ଜନପ୍ରତିନିଧିମାନେ ସେଠାରେ ମାସ୍କ ପରିଧାନ କରିନଥିଲେ ବୋଲି ଶ୍ରୀ ମହାପାତ୍ର ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ସ୍ୱାଧୀନତା ଦିବସ ଭଳି କାର୍ଯ୍ୟକ୍ରମକୁ ୧୦ ଜଣ ଲୋକଙ୍କ ମଧ୍ୟରେ ପାଳନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଥିବା ସମୟରେ ଏହାକୁ ଅଣଦେଖା କରି କୋଭିଡକୁ ପ୍ରତିହତ କରିବା ଦାୟିତ୍ୱରେ ଥିବା ପୋଲିସ ଓ ପ୍ରଶାସନିକ ଅଧିକାରୀ ଏବଂ ଲୋକପ୍ରତିନିଧି ମାନେ ହିଁ କୋଭିଡ୍-୧୯ ନିୟମର ଉଲ୍ଲଘଂନ କରିଥିଲେ । ଅପରପକ୍ଷରେ ଶାସକ ବିଜେଡି ଦଳର ନେତା ଓ କର୍ମୀମାନେ ସ୍ୱାଧୀନତା ଦିବସ ଭଳି ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ ଉତ୍ସବ ଭଳି ପାଳନ କରିଥିବାର ଦେଖାଯାଇଥିଲା । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଖୋଦ୍ ସାସଂଦ ପିନାକୀ ମିଶ୍ର କାନ୍ଧରେ ଦଳୀୟ ଚିହ୍ନ ଥିବା ଉତରୀୟ ପକାଇଥିବାର ଦେଖାଯାଇଥିଲା । ଜିଲ୍ଲା ପରିଷଦ ସଦସ୍ୟଙ୍କ ପରିବାର ଲୋକଙ୍କର କରୋନା ପଜେଟିଭ ରିପୋର୍ଟ ଆସିଥିଲେ ବି ସେ ସଙ୍ଗରୋଧରେ ରହିବା ପରିବେର୍ତ ଏଭଳି ସମାବେଶକୁ ଆସିଥିଲେ । ଆଗାମୀ ଦିନରେ ସେ ସୁପର ସ୍ପ୍ରେଡର ଭାବେ କରୋନା ସଂକ୍ରମଣକୁ ବ୍ୟାପକ କରାଇବାର ଯଥେଷ୍ଟ ସମ୍ଭାବନା ରହିଛି । କୋଭିଡ୍ ନିୟମ କଣ ଶାସକ ଦଳ ପାଇଁ ଅଲଗା ଓ ଅନ୍ୟ ଦଳ ପାଇଁ ଅଲଗା ବୋଲି ସାଧାରଣରେ ମତପ୍ରକାଶ ପାଉଛି । ଶାସକ ଦଳର ନେତା କୋଭିଡ୍ ନିୟମ ଭାଙ୍ଗିବା ଭଳି ଅନେକ ଉଦାହରଣ ରହିଛି । ଯଥା ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ନବରଙ୍ଗପୁରରେ ଦଳୀୟ ବିଧାୟକଙ୍କୁ ଧରି କୋଭିଡ୍ ନିୟମ ଭାଙ୍ଗିବା ସହିତ ହେଲିକପ୍ଟରରେ ଆସିବା ଓ ରାଜ୍ୟ ରାଜକୋଷରୁ ଅର୍ଥ ନଷ୍ଟ କରିବାର ଅଭିଯୋଗ ମଧ୍ୟ ପୂର୍ବରୁ ହୋଇଛି । ଆମ୍ବୁଲାନ୍ସର ଲୋକାର୍ପଣ କାର୍ଯ୍ୟକ୍ରମ ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ସଠିକ୍ ତଦନ୍ତ କରାଇ ସଂପୃକ୍ତ ସାସଂଦ, ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧିଙ୍କ ବିରୁଦ୍ଧରେ କୋଭିଡ୍-୧୯ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ଘଟଣାର ପୁନରାବୃତି ନହେବା ପାଇଁ ନିର୍ଦ୍ଦେଶ ଦେବାକୁ ଶ୍ରୀ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଏବଂ ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରାକ୍ଟର ଓଲଟି ୨ମୃତ ଜଣେ ଗୁରୁତର



ବାରିପଦା,୧୮।୮ (ନି.ପ୍ର): ଟ୍ରାକ୍ଟର ଓଲଟି ୨ଜଣଙ୍କ ମୃତ ହେବା ସହିତ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଘଟଣାଟି ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଥାନା ଅନ୍ତର୍ଗତ ଝିଙ୍କିରିଆରେ ଘଟିଛି ।ବାରିପଦା-ଅମରଦା ରାଜ୍ୟ ରାଜପଥର ଝିଙ୍କିରିଆ ଛକ ନିକଟରେ ନିୟନ୍ତ୍ରଣ ହରାଇ ଟ୍ରାକ୍ଟର ଓଲଟି ପଡିଥିଲା ।ଯାହା ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ ।ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ମୃତକ ହେଲେ ମଙ୍ଗଳ ମୁର୍ମୁ ଓ ଭୁଣ୍ଡା ମୁର୍ମୁ ।ବୟସ ପାଖାପାଖି ୨୦। ଗୁରୁତର ଦୁଃଖିଆ ହେମ୍ବ୍ରମଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ମୃତକ ଏବଂ ଗୁରୁତର ସମସ୍ତେ ମୋରଡ଼ା ଥାନା ଅନ୍ତର୍ଗତ ବରକନ୍ଦ ପଞ୍ଚାୟତ ତେନ୍ତୁଳିବାଟି ଗ୍ରାମର ବୋଲି ଜଣାପଡିଛି । ତେବେ ବାଛୁରିପାଳ ଗ୍ରାମ ଦେବେନ୍ଦ୍ର ଧଳଙ୍କ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରୁଥିଲେ । ଟ୍ରାକ୍ଟରଟି ଭାରସାମ୍ୟ ହରାଇ ୧୫ ଫୁଟ ତଳକୁ ଖସି ଓଲଟି ପଡ଼ିଥିଲା । ଟ୍ରାକ୍ଟରରେ ଛଅଜଣ ଥିବା ବେଳେ ଚାରିଜଣଙ୍କୁ ଗାଡିର ଇଂଜିନ ଚାପି ଯାଇଥିଲା । ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଜଣେ ଗୁରୁତର ଅବସ୍ଥାରେ ଉଦ୍ଧାର ।

# ଅମୃତିଆରେ ଗୋଷ୍ଠି ସଂଘର୍ଷ ଘଟଣା ——
# ଶାନ୍ତି କମିଟି ପାଇଁ ଫଂଚାୟତ ପକ୍ଷରୁ ଉଦ୍ୟମ ଜାରି

କୋରେଇ,୧୮।୮ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମରେ ଜମି ବାଡି ବିବାଦକୁ ନେଇ ଗୋଷ୍ଠି ସଂଘର୍ଷ ଓ ପୁଲିସ ଉପରକୁ ଆକ୍ରମଣ ଘଟଣା ପରେ ପୁଲିସ ୩ଟି ମାମଲା ରୁଜୁ କରିବା ସହିତ ୧୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରେ ସଂପୃକ୍ତ ଆଉ କିଛି ଲୋକଙ୍କୁ ମଧ୍ୟ ବାନ୍ଧିବାକୁ ପୁଲିସ ଜାଲ ବିଛାଇଛି । ଗିରଫଦାରୀ ଭୟରେ ପୁରୁଷ ଶୂନ୍ୟ ହୋଇଛି ଗ୍ରାମ । ଯେଉଁମାନେ ପ୍ରକୃତ ଦୋଷୀ ସେମାନେ ଘର ଛାଡିଥିବା ବେଳେ ବିନା ଦୋଷରେ ଗ୍ରାମର କିଛି ଲୋକ ଘର ଛାଡି ବଂଧୁ ଘରେ ଆଶ୍ରୟ ନେଇଛନ୍ତି । ପୁଲିସର ମାତ୍ରଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ସହିତ ଅମୃତିଆ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଂ ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବନ୍ଦିତା ପରିଡାଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ କଂଗ୍ରେସର ଏକ ଟିମ୍ ଥାନାଧିକାରୀ ସସ୍ମିତା ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି । ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରୀୟବ୍ରତ ସାହୁ, ବ୍ଲକ କଂଗ୍ରେସ ସଭାପତି ମଧୁସୁଦନ ସାହୁ, ନରହରୀ କୁଁଅର, ନିରଂଜନ ନାୟକ, ଶରତ ପଣ୍ଡା, ବିଜୟ ବୋଇତେଇ, ଅମର ବିଶ୍ୱାଳ, ବିଜୟ ବାରିକ, ପୃଥ୍ୱିରାଜ ପହୀ, ରବିନ୍ଦ୍ର ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏ ପଟେ ଅମୃତିଆ ଫଂଚାୟତ ପକ୍ଷରୁ ଶାନ୍ତି କମିଟି ଗଠନ ପାଇଂ ଉଦ୍ୟମ ଜାରି ରହିଛି । ଏ ନେଇ ଏକ ପ୍ରସ୍ତୁତିବୈଠକ ବସିବା ପରେ ଥାନାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ଜଣାପଡିଛି । ପୁଲିସ ଅଧିକ ଆକ୍ରମଣାତ୍ମକ ନହୋଇ ଶାନ୍ତି ପ୍ରତିଷ୍ଠା ପାଇଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ବିଜେଡିରେ ମିଶିଲେ ବ୍ରହ୍ମବରଦା ଫଂଚାୟତର ବହୁ ସଂଖ୍ୟା ଲଘୁ ସମ୍ପ୍ରଦାୟର ବିଭିନ୍ନ ଦଳୀୟ କର୍ମୀ

ଧର୍ମଶାଳା,୧୮।୮ (ନି.ପ୍ର): ବିଧାସଭା ନିର୍ବାଚନ ପରଠାରୁ ବରୀ ନିର୍ବାଚନ ମଣ୍ଡଳୀରେ ବିଜେଡିର ଶକ୍ତି ବିଶେଷଭାବେ ବୃଦ୍ଧି ପାଉଛି । ନୂଆ ବିଧାୟିକା ହେବା ପରେ ବିଜେଡି ଶିବିରର ଦୁର୍ଗ ବେଶ ସଂଗଠିତ ହୋଇ ଲୋକଙ୍କ ହୃଦୟ ଜିତି ପାରିଛି । ଫଳରେ ଦଳ ପ୍ରତି ବିଶ୍ୱାସ,ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବରୀର ନୂତନ ବିଧାୟିକାଙ୍କ ସଂଗଠନିକ ଦକ୍ଷତା ନେଇ ଅନେକ ଦଳୀୟ କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଉଛନ୍ତି । ଫଳରେ ଏହି ମିଶ୍ରଣରେ ଗ୍ରାମାଂଚଳର ବିକାଶ ହୋଇପାରିବ ବୋଲି ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ ୧ ନଂ ୱାର୍ଡର ଏକ ମିଶ୍ରଣ ପର୍ବରେ ଯୋଗ ଦେଇ ବରୀ ବିଧାୟିକା ସୁନନ୍ଦ ଦାସ ପ୍ରକାଶ କରିଛନ୍ତି । ବ୍ରହ୍ମବରଦା ସରପଂଚ ବିଜୟ ଦାସଙ୍କ ସଭାପତିତ୍ୱରେ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସମେତ ବିଜେଡିର ବରିଷ୍ଠ ସଭ୍ୟ ଦେବେନ୍ଦ୍ର ଦାସ,ବରୀ ନିର୍ବାଚନ ମଣ୍ଡଳୀର ୨୧ ନଂ ଜୋନର ଜିଲା ପରିଷଦ ସଭ୍ୟ ଅଶୋକ ସାମଲ ଓ ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ୧ନଂ ୱାର୍ଡର ମହିଳା ୱାର୍ଡ ମେମ୍ବରଙ୍କ ସମେତ ୩୦ରୁ ଉର୍ଦ୍ଧ ବିଭିନ୍ନ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଛନ୍ତି । ମହିଳା ୱାର୍ଡ ସଭ୍ୟା ଉଜୋ ବିବି, ଅଜଗର ଖାଁନ, ମୋଜାହିଦ ଅଲ୍ଲୀ, ମଝରୁଲ, ମୋଜିବ ଅହସନ, ସେକ୍ ତାଜିବ,ସେକ୍ ଜୁଲଫିକର, ଏଜାଜୁଦ୍ଦିନ,ତହିଦ ଅକ୍ତର, ସେକ୍ ସଦାଫ, ମୋଜାଫର ଅଲ୍ଲୀ, ସେକ୍ ଫିରୋଜ, ଜାବିର ହୋସେନ, ସେକ ସମୟୁଲ, ଆସଫାର,ସେକ୍ ଜାକିର, ସେକ୍ ମନଜୁର ଅଲ୍ଲୀ, ସେକ୍ ମୁରସିଦ, ଜମତାଜ ଅଲ୍ଲୀ, ଇଫତେକାର ଅଲ୍ଲୀ,ସେକ୍ ସୁଫିଆନ, ସେକ୍ ତସଲିମ, ସେକ୍ କଲାମ, ସେକ୍ ସୁଲତାନ, ସେକ୍ ହାପିକ ଅଲ୍ଲୀ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ । ବିଧାୟିକ ଶ୍ରୀମତି ଦାସ ସେମାନଙ୍କୁ ସ୍ୱାଗତ କରିବା ସହ ଦଳୀୟ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଯୁବନେତା ଜୁଲଫିକର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଦଳୀୟ କର୍ମୀ ଓ ଯୁବ ସଂଗଠକ କର୍ମୀମାନେ ଉପସ୍ଥିତ ରହିଥିଲେ ।

# ଶ୍ରୀଜୀଉଙ୍କ କୃଷ୍ଣ ବଳରାମ ବେଶ

ପୁରୀ,୧୮।୮ (ନି.ପ୍ର): ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଯାଇଛି । ଭାଦ୍ରବ ମାସ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀ ଜୀଉଙ୍କ ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହୋଇଛି । ଏହି ବିଶେଷ ତିଥିରେ ସେବାୟତ ମାନଙ୍କ ଦ୍ୱାରା ରୀତିନୀତି ମୁତାବକ ସମସ୍ତ ନୀତିକାନ୍ତି ସମାପନ ହୋଇଛି । ତେବେ କୋଭିଡ୍ କଟକଣା ପାଇଁ ପୂର୍ବଭଳି ସାଧାରଣ ଦର୍ଶନ ବନ୍ଦ ରହିଛି ।

# ସ୍ଥିତି ଜାହିର କରିବାର ୨୪ ଘଂଟା ନପୁରୁଣୁ କାଣ୍ଡ ଭିଆଇଲା ଲାଲବାହୀନି ——
# ପୋଡିଲେ ଠିକାକମ୍ପାନୀର ଗାଡି ଓ ଛାଡିଗଲେ ମାଓ ବ୍ୟାନର, ପୋଷ୍ଟର ଓ ଚେତାବନୀ

କନ୍ଧମାଳ,୧୮।୮ (ନି.ପ୍ର): ରବିବାର ଦିନ କନ୍ଧମାଳ ଜିଲାରେ ସକ୍ରିୟ ଥିବା କେକେବିଏନ ମାଓ ଡିଭିଜନ ତରଫରୁ କନ୍ଧମାଳ ଜିଲ୍ଲାର କ.ନୁଆଗାଁ ଥାନା ଅଂଚଳରେ ଥିବା ବ୍ରହ୍ମପୁର ରାୟପୁର ୫୯ ନମ୍ବର ଜାତୀୟ ରାଜପଥ କଡରେ କଞ୍ଚାମେଣ୍ଡି ଠାରେ ଥିବା ଧୁଙ୍ଗିଆଦିଆ ଘାଟିରେ ଏବଂ ବାଲିଗୁଡାର ଅଗ୍ନିଶମ ବିଭାଗର କାର୍ଯ୍ୟାଳୟ ନିକଟରେ ମାଓ ବ୍ୟାନର ଓ ପୋଷ୍ଟର ଲଗାଯାଇଥିଲା । ସେଥିରେ ଗତ କିଛି ଦିନ ପୁର୍ବେ ପୋଲିସ ଜବାନ ମାନଙ୍କ ସହିତ ହୋଇଥିବା ଗୁଳି ବିନିମୟରେ ମୃତ ୭ ମାଓବାଦୀଙ୍କ ଉଦେଶ୍ୟରେ ଆସନ୍ତା ୧୮ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସହୀଦ ଦିବସ ପାଳନ କରିବାକୁ ଆହ୍ୱାନ ଦିଆଯିବା ସହିତ ଜିଲ୍ଲାର ସିର୍ଲା ଏବଂ ଅନ୍ୟାନ୍ୟ ଅଂଚଳରେ । କେକେବିଏନ ମାଓ ସଂଗଠନ ତରଫରୁ ଜାରୀ କରାଯାଇଥିବା ଏହି ବ୍ୟାନରରେ ଜନସାଧାରଣଙ୍କୁ ଏହି ସହୀଦ ଦିବସ ପାଳନ କରିବାକୁ ଉଲ୍ଲେଖ ରହିଥିଲା ।ହେଲେ ଏହାର ୨୪ ଘଣ୍ଟା ନପୁରୁଣୁ ଲାଲବାହିନୀ ବାଲିଗୁଡା ବ୍ଲକ ଅନ୍ତର୍ଗତ ଖମଣଖୋଲ ଗ୍ରାମପଂଚାୟତରେ ଥିବା ବିଗାଭଟ୍ଟା ଘାଟିରେ ଏକ ଠିକାକମ୍ପାନୀର କ୍ୟାମ୍ପରେ ତୁମୁଳ କାଣ୍ଡ ଭିଆଇଛି । ସେଠାରେ ପୂର୍ତ୍ତ ବିଭାଗର ରାସ୍ତା କାମ କରୁଥିବା ଏକ ଠିକା କମ୍ପାନୀର କ୍ୟାମ୍ପରେ କାର୍ଯ୍ୟରେ ନିୟୋଜିତ ଥିବା ଗୋଟିଏ ହାଇୱା, ପାଣିଟାଙ୍କୀ, ହିଟାଚି ଗ୍ରେଡରଭାଇବ୍ରେଟରରେ ନିଆଁ ଲଗାଇ ପୋଡି ଦେଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୧୫ ଜଣ ଶସସ୍ତ୍ର ମାଓବାଦୀ ସେଠାକୁ ଆସି ଉପୋରୋକ୍ତ ଗାଡି ଓ ଯନ୍ତ୍ରପାତିରେ ନିଆଁ ଲଗାଇବାସହିତ ସେଠାରେ ଲାଲ କନାରେ ତିଆରି ବ୍ୟାନର ଓ ଲିଫଲେଟ ଛାଡିଯାଇଛନ୍ତି । ସେଥିରେ ଚିରିକୁଟି ଓ ସୁପେଲାରେ ହୋଇଥିବା ପୋଲିସ ଗୁଳିରେ ମୃତ ମାଓବାଦୀଙ୍କୁ ସହିଦ ଆଖ୍ୟା ଦିଆଯିବା ସହିତ ସେମାନଙ୍କୁ ଲାଲସଲାମ ଜଣାଇ ସେମାନଙ୍କ ହତ୍ୟାକୁ ବିରୋଧ କରି ୧୮ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ବନ୍ଦ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି । ରାଜ୍ୟ ସରକାର କରିଥିବା ୫ଟି ଜିଲାକୁ ମାଓମୁକ୍ତ ଘୋଷଣା ମିଥ୍ୟା ଅଟେ, ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଆତ୍ମସମର୍ପପଣ ନିତୀରେ କୁଟିଳତା ଥିବା ନେଇ ଉଲ୍ଲେଖ ଥିବା ସହିତ ପୋଲିସ ଇନଫର୍ମରକୁ ମଧ୍ୟ ଶାସତି ଦିଆଯିବ ବୋଲି ଲେଖାଥିବା ବ୍ୟାନର ଏବଂ ଲିଫଲେଟ ଏପରିକି ରାସ୍ତାରେ ଧଳାରଙ୍ଗରେ ମଧ୍ୟ ଲେଖା ଯାଇଛି । ଏହି କାଣ୍ଡକୁ କେକେବିଏନ ମାଓ ସଂଗଠନ ତରଫରୁ କରାଯାଇଥିବା ନେଇ ଉଲ୍ଲେଖ ରହିଛି । ଖବର ପାଇ ସେଠାକୁ ଡିଭିଏଫ୍ ଏବଂ ଏସଓଜି ଜବାନ ଏବଂ ବୋମା ଡିସ୍ପୋଜାଲ ଟିମ ସହିତ ସେଠାକୁ ଯାଇ ତଦନ୍ତ କରିଥିବା ଜଣାପଡିଛି । ତେବେ ଜିଲ୍ଲାରେ ସମସ୍ତ ସୁରକ୍ଷା ବ୍ୟବସ୍ଥା କଡକାଡି ଥିବାସହିତ ଯେକୌଣସି ଅଘଟଣକୁ ମୁକାବିଲା କରିବାକୁ ପୋଲିସ ପ୍ରସ୍ତୁତ ଥିବା କହିଛନ୍ତି କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ।

# ମାଆକୁ ବଂଚାଇବା ପାଇଁ ଦିବ୍ୟାଙ୍ଗ ଝିଅର ଉଦମ୍ୟ ଘଟଣା

## ଦିବ୍ୟାଙ୍ଗ ଗୀତାଞ୍ଜଳୀଙ୍କ ପାଖରେ ଫଂହଚିଲା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ

ଧର୍ମଶାଳା,୧୮।୮ (ନି.ପ୍ର): ଦୁଃଖ ଏମିତି ବି ଆସେ । ମାଆକୁ ବଂଚାଇବା ପାଇଁ ଦିବ୍ୟାଙ୍ଗ ଝିଅର ଉଦ୍ୟମ । କିଛି ଦିନ ପୂର୍ବେ ରୋଜଗାରୀଆ ଭାଇ ଆର ପାରିକୁ ଚାଲିଯିବ ଏବଂ ୨ମାସ ପୂର୍ବେ ବାପା ଆରପାରିକୁ ଚାଲି ଯିବା ପରେ ପରିବାର ବୋଝ ପଡିଛି ଦିବ୍ୟାଙ୍ଗ ଝିଅ ଗୀତାଞ୍ଜଳୀ ଉପରେ । ଏବେ ମାଆ କିଡନୀ ରୋଗରେ ଆକ୍ରାନ୍ତ । ଏଭଳି ଘଟଣା ଦେଖିବାକୁ ମିଳିଥିଲା ଧର୍ମଶାଳା ବ୍ଲକ କଦମପାଳ ଫଂଚାୟତ କଦମପାଳ ଗ୍ରାମରେ । ଏଭଳି ଘଟଣା ପ୍ରକାଶିତ ହେବା ପରେ ଆଜି ଗୀତାଞ୍ଜଳୀଙ୍କ ବାସଭବନରେ ଫଂହଚିଛନ୍ତି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ମନୋଜ କୁମାର ରଥ ଓ ମାସୁମ ଗୃପର ଅଧ୍ୟକ୍ଷ ମଂଟୁ ଦାସ । ଗୀତାଞ୍ଜଳୀଙ୍କ ମାଆଙ୍କ ଆଲୋଚନା କରିବା ସହ ଗୀତାଞ୍ଜଳୀଙ୍କ ମୁହଁରୁ ତାଙ୍କର ଦୁଃଖ କାହାଣୀ ଶୁଣିଥିଲେ । ଗୀତାଞ୍ଜଳୀ ଜଣେ ଉଚ୍ଚ ଶିକ୍ଷିତା ଦିବ୍ୟାଙ୍ଗ ଝିଅ । ଥଇଥାନା ପାଇଁ ଭିଆରସିସି ଭୁବନେଶ୍ୱରଠାରେ ଗୀତାଞ୍ଜଳୀଙ୍କୁ ଆତ୍ମ ନିଯୁକ୍ତି ପାଇଁ ତାଲିମ ବ୍ୟବସ୍ଥା କରାଯିବା ସହ ଏଥି ପାଇଁ ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ସଶକ୍ତିକରଣ ଅଧିକାରୀ ଶ୍ରୀ ରଥ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଏହି କଦମପାଳ ଗ୍ରାମର ସ୍ୱର୍ଗତ କୁଶାସନ ମହାନ୍ତିଙ୍କ ଦିବ୍ୟାଙ୍ଗ ଝିଅ ଏବେ ନିଜ ମାଆକୁ ବଂଚାଇବା ପାଇଁ ଗୀତାଞ୍ଜଳୀ ଏବେ ସର୍ଘଷ କରୁଛି । ମାଆ ଓ ନିଜ ପେଟକୁ ଆହାର ପାଇଁ ଏବେ ସେ ଟିୟୁସନ କରୁଛି ।

# କରୋନା ଛଡ଼େଇ ନେଇଛି ଆଦିବାସୀଙ୍କ ଜୀବନ ଆଉ ଜୀବିକା



ଗୁଣପୁର,୧୮।୮ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡ ମୁନିଗୁଡ଼ା ସହର ତଥା ସମ୍ପୂର୍ଣ୍ଣ ଜିଲ୍ଲା ପାହାଡ଼ ପର୍ବତ ଘେରା ଓ ଘଞ୍ଚ ଜଙ୍ଗଲରେ ସୁଶୋଭିତା ହେଲେ ଏହି ପାହାଡ଼ ଇଲାକାରେ ବସ ବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଲୋକଙ୍କ ପ୍ରଧାନ ଜୀବିକା ହେଉଛି ପନିପରିବା, ବିଭିନ୍ନ ଜଙ୍ଗଲ ଯାତ ଦ୍ରବ୍ୟ । ମୁନିଗୁଡ଼ା, ବିସମ କଟକ, କଲ୍ୟାଣ ସିଙ୍ଗପୁର ବ୍ଲକର ୧୧୭ବର୍ଗ କିଲୋମିଟର ମଧ୍ୟରେ ଥିବା ଆଦିମ ସଭ୍ୟତାର ଏକ୍ଟୁଡ଼ିଶାଳ ହେଉଛି ନିୟମଗିରି ପାହାଡ଼ ଅଞ୍ଚଳ । ଏହା ଆଜି ଆମ ସଭ୍ୟତା, ସଂସ୍କୃତି ଆଉ ଐତିହ୍ୟର ପ୍ରକୃଷ୍ଟ ସ୍ଥାନ କହିଲେ ଭୁଲ ହେବନି । ରାୟଗଡ଼ା ଜିଲ୍ଲାର ମାନବ ସଭ୍ୟତାର ଏହି ମହୋଦାର ବିଲୁପ୍ତ ହେବାକୁ ବସି ପଡ଼ିଥିବା ବେଳେ ବିଳମ୍ବରେ ଏହି ଅଞ୍ଚଳ ପ୍ରତି ସରକାରଙ୍କ ଦୃଷ୍ଟି ପଡ଼ିଲା, ସରକାର ବିକାଶ ଯୋଜନା ଆରମ୍ଭ କଲେ । ୧୯୭୮ ମସିହାରେ ଡଙ୍ଗରିଆ ଉନ୍ନୟନ ସଂସ୍ଥା ତଥା ବିକେଡିଏ ନାଁରେ ଏକ ସଂସ୍ଥା ଏ ଅଞ୍ଚଳର ଚାଟିକଣା ଓ ପାର୍ସାଲିଠାରେ ଡଙ୍ଗରିଆଙ୍କ ସମସ୍ତ ଉନ୍ନୟନ ଦାୟିତ୍ୱ ନେଲା । ଏ ଅଞ୍ଚଳରେ ଥିବା ୧୦୪ଟି ଗ୍ରାମର ୨୦୭୫ପରିବାର ୧୦୩୩୪ ଲୋକଙ୍କ ବିକାଶ ପାଇଁ ସେ ସମୟର ଯୋଜନା ମାନ ଆରମ୍ଭ ହେଲା । ସ୍ୱାଧୀନତା ପ୍ରାପ୍ତିର ୭୪ ବର୍ଷ ଆଉ ଡଙ୍ଗରିଆ ଉନ୍ନୟନ ସଂସ୍ଥା ଜନ୍ମ ନେବାର ୪୨ ବର୍ଷ ଅତିକ୍ରାନ୍ତ ହୋଇଗଲା । କେତେ ବିକାଶ ହୋଇଛି ଡଙ୍ଗରିଆ ଆଉ ତା’ ନିୟମଗିରି ଅଞ୍ଚଳ, ଏ ଦୃଶ୍ୟ ତାଙ୍କୁ ଦେଖିଲେ ଜଣାପଡ଼େ । ଏଠିକାର ଆଦିମ ଅଧିବାସୀ ଡଙ୍ଗରିଆ କନ୍ଧ ବହୁତ ସରଳ, ସ୍ୱାଭିମାନି ଆଉ ବିଶ୍ୱାସୀ । ଜୀବନରେ କାହାକୁ ହାତ ପତେଇ ଭିକ ମାଗିବା କି ପର ଘରେ ମୂଲ ଲାଗିବା ସେ ଶିଖିନି । ନିଜ ମାଟିରେ ପରିଶ୍ରମ କରି ନିଜ ତେଲଲୁଣ ସଂସାରକୁ ସେ ଚଳାଏ । ଆଧୁନିକତାର ଅପ ସଂସ୍କୃତି ନିୟମଗିରିରେ ଅନୁ ପ୍ରବେଶ କରିପାରିନି । ପାଖ ମୁନିଖୋଲ, ହାଟ ମୁନିଗୁଡ଼ା, ଦହିଖାଲ, ଅମ୍ବାଦଳା, ବିସମକଟକ, କଲ୍ୟାଣସିଂହପୁର ସାପ୍ତାହିକ ହାଟମାନଙ୍କରେ ନିଜ ଉପାର୍ଜିତ ପନିପରିବା, ମାଣ୍ଡିଆ, ବାଜରା, ମକା, କାଙ୍ଗୁ, କାନ୍ଦୁଲ, ସୁଆଁ, ଅଦା, ଅଳସୀ, ହଳଦୀ ଓ ପାପାଡ଼ରୁ ମିଳୁଥିବା କନ୍ଦା, ଜଙ୍ଗଲର ଆମ୍ବ, ପଣସ, ସପୁରୀ, କମଳା, ତେନ୍ତୁଳି, ଖଲିପତ୍ର, ବାଉଁଶ, ଦଉଡ଼ି, ଜାଳେଣି କାଠ, ମହୁ, ଝୁଣା, ଔଷଧୀୟ ଚେରମୁଳି, ଜଡ଼ିବୁଟି, ବିଭିନ୍ନ ପ୍ରକାର ଦୁର୍ଲଭ ଛୁ, କରଡ଼ି (ବାଉଁଶ ଗଜା) ଓ ଫୁଲ ଝାଡୁ ସବୁ ବିକି ପରିବାର ପୋଷିଥାନ୍ତି । ଏମାନଙ୍କ ଏହି ଦ୍ରବ୍ୟକୁ ସଭ୍ୟ ସମାଜ ବୋଲାଉଥିବା ମଣିଷ କିଣିବା ପାଇଁ ଚାତକ ଭଳି ଅପେକ୍ଷା କରିଥାନ୍ତି । ହେଲେ ଆଜି ଏହି କରୋନା ମହାମାରୀ ଯାହା ସାରା ବିଶ୍ୱ ଦରବାରରେ ଲୀଳା ଖେଳା କରି ସାରିଛି ତାହା ଆଜି ଏହି ଡଙ୍ଗରିଆଙ୍କ ମେରୁଦଣ୍ଡକୁ ଭାଙ୍ଗିବାରେ ପଛ ଘୁଞ୍ଚା ଦେଇନି, ଏହି ଡଙ୍ଗରିଆ କନ୍ଧମାନଙ୍କ ଜୀବନ ଜୀବିକା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି । କରୋନା ଯୋଗୁଁ ଏହି ବର୍ଷ ପଣସ ଫଳିବା ବେଳେ ଗୋଟିଏ ବି ପଣସ ବିକ୍ରି ହେଲା ନାହିଁ ତେଣୁ ସବୁ ଗୋରୁଗାଈ ଚରିଗଲେ । ସପୁରୀ ଗଦାଗଦା ପଚିଗଲା, ଯାଚିକି ଦେଲେ ବି କେହି ନେଲେନି କାରଣ କାଳେ କରୋନା ଜୀବାଣୁ ଚାଲିଆସିବ । କଞ୍ଚା ପରିବା କଦଳୀ ପୂର୍ବେ ଡଜନ ୪୦/୫୦ ଟଙ୍କା ଥିବାବେଳେ ଡଙ୍ଗରିଆ ମହିଳା ଘର ଘର ବୁଲି ୧୦ ଟଙ୍କାରେ ବିକ୍ରି କରିଲେ । ଏବେ ଏ ଅଞ୍ଚଳର ସଭିଙ୍କ ଅତି ପ୍ରିୟ ସୁସ୍ୱାଦୁ କରଡ଼ି, କେହି ନେଉ ନାହାନ୍ତି, କରୋନା ଭୟ ଘାରିଛି ଖାଟିକୁ, ଆଉ ପେଟ ପାଇଁ ମରୁଛି ଡଙ୍ଗିରିଆ । କରଡ଼ି ବିଡ଼ା ୧୦ ଟଙ୍କା ପରିବର୍ତ୍ତେ ୩ ବିଡ଼ାକୁ ୧୦ ଟଙ୍କାରେ ଘରଘର ବୁଲି ଡଙ୍ଗରିଆ ମହିଳା ବିକୁଛି, ବଳକା ଫିଙ୍ଗୁଛି ଖତ ଗଦାରେ । କରୋନା ଛଡ଼େଇ ନେଇଛି ସେମାନଙ୍କ ଜୀବନ ଆଉ ଜୀବିକା । ଏବେ କରୋନାକୁ ହରାଇବା ନିଶାରେ ନେତା, ସମାଜସେବୀ, ପୋଲିସ, ସ୍ୱାସ୍ଥ୍ୟସେବୀ, ଅଭିନେତା ସବୁ ଲାଗି ପଡ଼ିଛନ୍ତି । କାହାକୁ ଡର ନାହିଁ ଏ ଅଭାବୀ ମଣିଷଙ୍କ ଅଭାବ ବୁଝିବାକୁ । ତଥାକଥିତ ସଭ୍ୟ ବୋଲାଉଥିବା ମଣିଷଙ୍କ ଭଳି ପେଟ ପାଇଁ ମାଗିବାର ବା ଅଭିଯୋଗ କରିବାର ଇତିହାସ ଏମାନଙ୍କର ପାଖରେ ନାହିଁ । ନିୟମ ରାଜାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଅଛି, ଯାହା ମାଗିବେ ଗୁହାରି କରିବେ ତାଙ୍କୁ ହିଁ କେବଳ । କିନ୍ତୁ ଏକ ଜନ ମଙ୍ଗଳ ରାଷ୍ଟ୍ରରେ ସରକାର ଅବା ସରକାରୀ କଳ ଏମାନଙ୍କ କଥା ଭାବିବା ଉଚିତ୍ ନୁହେଁ କି ? କରୋନା ଏ ଦେଶରୁ କେବେ ହଟିବ ଭଗବାନଙ୍କୁ ଜଣା, ହେଲେ ଏ ଆଦିମ ସଭ୍ୟତାର ଧରୋହର ଆମ ଡଙ୍ଗିରଆ ସମାଜର ଆର୍ଥିକ ବ୍ୟବସ୍ଥା ସୁଧାରି ସେମାନଙ୍କୁ ସ୍ୱାବଲମ୍ବୀ ଓ ସମୃଦ୍ଧ କରିବା ସରକାରଙ୍କ ଦାୟିତ୍ୱ ହେବା ସହ ବର୍ତ୍ତମାନ ସେମାନଙ୍କ ତେଲଲୁଣର ସଂସାର ବିଷୟ ବୁଝିବା ଦରକାର ହୋଇ ପଡ଼ିଛି । ନ ଚେତ୍ କରୋନା ସହିତ ଯୁଦ୍ଧ କରୁକରୁ ଆମକୁ ଆହୁରି ଅନେକ କିଛି ହରାଇବାକୁ ପଡ଼ିବ ।

# ସଟଡାଉନ ହେଲ୍ପଲାଇନ ୟୁନିଟ ତରଫରୁ ଅସହାୟ ମାନଙ୍କୁ ସଟଡାଉନରେ ଖାଦ୍ୟଦାନ



ବାରିପଦା,୧୮।୮ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ଜୁଲାଇ ଏବଂ ଅଗଷ୍ଟ ମାସର ପ୍ରତି ଶନିବାର ଓ ରବିବାର ମୟୂରଭଞ୍ଜ ଜିଲ୍ଲାରେ ସଟଡାଉନ ରହୁଥିବାରୁ ରାସ୍ତା କଡରେ ଅବହେଳିତ ହୋଇ ରହିଥିବା ବହୁ ମାନସିକ ବିକୃତ ବ୍ୟକ୍ତି ଖାଇବାକୁ ନପାଇ ଭୋକ ଓପାସରେ ରହୁଥିବାର ଲକ୍ଷ୍ୟ କରି ବାରିପଦାର ଯିଶୁଖ୍ରୀଷ୍ଟ ସଟଡାଉନ ହେଲ୍ପଲାଇନ ୟୁନିଟ ତରଫରୁ ଏହାର ସଦସ୍ୟ ମାନେ ପ୍ରତି ଶନିବାର ଓ ରବିବାର ବାରିପଦା ସହରରେ ବୁଲିବୁଲି ରାସ୍ତା କଡ ଫୁଟପାଥରେ କାଳ କାଟୁଥିବା ଅସହାୟ ତଥା ମସ୍ତିଷ୍କ ବିକୃତ ବ୍ୟକ୍ତି ମାନଙ୍କୁ ବୁଲିବୁଲି ଖାଦ୍ୟ ଖୁଆଉଥିବାର ଦେଖିବାକୁ ମିଳିଛି । ଅନୁଷ୍ଠାନର ସ୍ୱେଚ୍ଛାସେବୀ ରାଜୀବ ପାତ୍ର, ମାନସ କୁମାର, ସେକ ନାଜିମ ଉଦ୍ଦିନ, ମନୋରନ ସାହୁ, ମନୋଜ ନାଥ, ମହମ୍ମଦ ନିଆଜୁଦ୍ଦିନ, ପ୍ରମୋଦ କୁମାର ନାଥ, ଦେବ ପାତ୍ର, ପୌଶଲ୍ୟ ରଣା, ନିର୍ମଳ କୁମାର ନାଥ, ଦୀପକ କୁମାର ନାଥ, ପ୍ରକାଶ କୁମାର ନାଥ, ରୂପକ ମହାପାତ୍ର, ସସ୍ମିତା ନାଥ, ସବିତା ନାୟକ, ରଜନୀକାନ୍ତ ପାଲ, ଅୁ ଗୁପ୍ତା, ରୋହିତ କୁମାର ସେଠୀ, ଅଜୀତ କୁମାର ବାରିକ, କ୍ଷିତିଶ ଚନ୍ଦ୍ର ବିନ୍ଧାଣି, ଦେବାଶିଷ ଦାସ ପ୍ରମୁଖ ଦିନ ତମାମ ବାରିପଦା ସହରରେ ବୁଲି ଅସହାୟ ଲୋକଙ୍କୁ ଖାଦ୍ୟ ଖୁଆଉଛନ୍ତି । ଏଥି ସହିତ କରୋନା ଯୋଦ୍ଧା ପୋଲିସ ଭାଇ ମାନଙ୍କୁ ମଧ୍ୟ ଜଳଖିଆ, ଚା, ପାଣି ଆଦି ପ୍ରଦାନ କରିଥିଲେ ଏହି ସ୍ୱେଚ୍ଛାସେବୀ ମାନେ ।

# ରାଇବଣିଆରେ ଚୋରା ମଦର ସୁଅ : ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ନାଗରିକ ମଂଚ

ଜଳେଶ୍ୱର,୧୮।୮ (ନି.ପ୍ର): ଜଳେଶ୍ୱର ବ୍ଲକରେ ରାଇବଣିଆ ଏକ ପ୍ରମୁଖ ସ୍ଥାନ। ଏହାର ଗୋଟିଏ ଗାଁର ଲୋକ ସଂଖ୍ୟାକୁ ନେଇ ପଂଚାୟତ ଗଠିତ । କିନ୍ତୁ ଏଠାରେ ବ୍ୟାପକ ଦେଶୀ ଓ ବିଦେଶୀ ଚୋରାମଦ ଗାଁ ରେ ବିକ୍ରି ହେଉଥିବାର ଅଭିଯୋଗ ହୋଇଛି । ବିଭିନ୍ନ ସ୍ଥାନରେ ହେଉଥିବା କୁକୁଡା ଲଢେଇ ସ୍ଥାନରେ ହଣ୍ଡିଆ ଓ ଦେଶୀ ମଦର ବ୍ୟପକ ପ୍ରଚଳନ ହେଉଛି । ରାଇବଣିଆ, ଖୁଆଡ ରାସ୍ତାରୁ ରାଇବଣିଆ ଦୁର୍ଗକୁ ଯାଇଥିବା ରାସ୍ତାର ଉଭୟପଟେ ଚୋରା ମଦ ବିକ୍ରି ହେଉଥିବା ନାଗରିକ ମଂଚ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । ସେହିପରି ଗାଁର ଦଳେଇ ସାହି ଅଂଚଳରେ ମଧ୍ୟ ଦେଶୀ ଧ ବିଦେଶୀ ମଦ ବିକ୍ରିର ଅଭିଯୋଗ ହୋଇଛି। ଏପରି ମଦବିକ୍ରି ଯୋଗୁଁ, ରାସ୍ତା ଦୁର୍ଘଟଣା ବଢିବା, ପାରିବାରିକ ବିଶୃଙ୍ଖଳା ଓ ସାମାଜିକ ଗଣ୍ଡଗୋଳ, ଅସାମାଜିକ କାଯ୍ୟ ସହିତ ଚୋରୀ, ରାହାଜାନୀ, ଛନ୍ତାଇ ପ୍ରଭୃତି ବଢୁଥିବା କୁହାଯାଇଛି । ମଦୁଆ ମାନଙ୍କ ଉତ୍ପାତ ଯୋଗୁଁ ରାସ୍ତାରେ ମହିଳା ଓ ଛୋଟପିଲାମାନେ ଚାଲିବା ସୁରକ୍ଷିତ ମଣୁନାହାନ୍ତି । ସ୍ଥାନୀୟ ଯୁବକମାନେ ଏହି ବିଶାକ୍ତ ମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି ଓ ସ୍ୱଳ୍ପ ବୟସରଙ୍କ ମୃତ୍ୟୁବରଣ କରୁଥିବା ଜଣାଯାଇଛି । ପୋଲିସ ଏପରି କାର୍ଯ୍ୟରେ ନିରବଦ୍ରଷ୍ଟା ସାଜିଥିବା ବେଳେ ଅବକାରୀ ବିଭାଗ ଫଂଗୁପରି ମନେ ହୁଏ । ଏଠାରୁ ଅଳ୍ପ ଦୂରରେ ପଶ୍ଚିମବଂଗର ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ଚୋରା ମଦର ବ୍ୟପକ ବିକ୍ରି ହେଉଥିବା ଓ ଓଡିଶାକୁ ତାହା ପ୍ରବେଶ କରୁଥିବାର ସେମାନେ କହିଛନ୍ତି । ନାଗରିକ ମଂଚ ପକ୍ଷରୁ ସୁକୁମାର ଘୋଷ, ଦିଗାମ୍ବର ଦାସ, ସୁଧାଂଶୁ ସେଖର ଘୋଷ, ନୃସିଂହ ଚରଣ ଜେନା, ଶଂକର ଘୋଷ, ସଂଜୟ ଜେନା, ସୁଶୀଲ ପ୍ରଧାନ, ଗୋକୁଳାନନ୍ଦ ଘୋଷ, ରାଧାକୃଷ୍ଣ ଗାନ୍ଧୀ, ଆଲୋକ କୁମାର ଶୁକ୍ଳ ପ୍ରମୁଖ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇ ଏହାର ଆଶୁ ସମାଧାନ କରିବାକୁ ନିବେଦନ କରିଛନ୍ତି ।

## ଗୁରୁତର ତହସିଲ ଡ୍ରାଇଭରଙ୍କୁ ଭେଟିଲେ ଡ଼ାକ୍ତରୀଦଳ

ଭଦ୍ରକ,୧୮।୮ (ନି.ପ୍ର): ଗତ ୧୬ ତାରିଖ ବନ୍ତ ତହସିଲର ଠିକା କାର୍ଯ୍ୟରତ ଡ୍ରାଇଭର ଉମାକାନ୍ତ ରାଉତ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିଲେ । ଏ ବିଷୟରେ ସମାଜରେ ବିସ୍ତୃତ ଖବର ପ୍ରକାଶ ପାଇବା ପରେ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଗରପଡ଼ା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡ଼ାକ୍ତରୀଦଳ ରାମକୃଷ୍ଣପୁରସ୍ଥ ଉମାକାନ୍ତ ରାଉତଙ୍କ ବାସଭବନରେ ପହଁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଗ୍ଚରି ବୁଝିଛନ୍ତି । ଆଗରପଡ଼ାର ଆୟୁଷ ଡ଼ାକ୍ତର ସର୍ଣ୍ଣିତା ଜେନା, କୁଣ୍ଡଳା ଆଶାକର୍ମୀ ସୁମତୀ ବିଶ୍ୱାଳ, ଅଙ୍ଗନୱାର୍ଡ଼ି କର୍ମୀ ରଶ୍ମିରାଣୀ ମହାନ୍ତି ଶ୍ରୀ ରାଉତଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ସହିତ ଆବଶ୍ୟକ ଔଷଧ ଯୋଗାଇ ଦେଇଛନ୍ତି ।

# ଫିନିକ୍ସ ଏକାଡେମୀ ପକ୍ଷରୁ ବଙ୍କିମ ଚନ୍ଦ୍ର ମହାରଣା ମେଧା ପରୀକ୍ଷାଫଳ ପ୍ରକାଶିତ

ବାସୁଦେବପୁର,୧୮।୮ (ନି.ପ୍ର): ବାସୁଦେବପୁର ଫିନିକ୍ସ ଏକାଡେମୀ ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ବଙ୍କିମ ଚନ୍ଦ୍ର ମହାରଣା ମେଧା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷା ଫଳ ନିକଟରେ ପ୍ରକାଶିତ ହୋଇଛି । ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ବାରାପୁର ହାଇସ୍କୁଲର ଛାତ୍ରୀ ଶୁଭଶ୍ମିତା ସାହୁ, ଏସ. ଏସ. ଜେ.ଏସ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସୁଦର୍ଶନପୁର ର ଛାତ୍ର କୃତୀ ରଂଜନ ପଣ୍ଡା, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ବାସୁଦେବପୁରର ଛାତ୍ର ଦିନେଶ କୁମାର ବାରିକ, ଆରୁହା ଗ୍ରାମ ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ସ୍ୱାତୀଶ୍ରୀ ଦାଶ, ରବର୍ଟ ହାଇସ୍କୁଲ ନରେନ୍ଦ୍ରପୁର ଛାତ୍ରୀ ଅନିଷା ଅନୀଲିପ୍‌ସା ବାରିକ, ପଦ୍ମୁଆଁ କୁମାରପୁର ୟୁ.ପି. ଏମ.ଇ ବିଦ୍ୟାଳୟର ଛାତ୍ର ସ୍ୱସ୍ତିକ ପଣ୍ଡା, ବି.ସି. ଉଚ୍ଚ ବାଳିକା ବିଦ୍ୟାନିକେତନ ମନ୍ଦାରୀର ଛାତ୍ର ବିକାଶ ଚନ୍ଦ୍ର ବେହେରା ପ୍ରମୁଖ ମେଧାପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ସେହିପରି ପଞ୍ଚମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ମନ୍ଦାରୀ ସରକାରୀ ପ୍ରାଇମେରୀ ବିଦ୍ୟାଳୟର ଛାତ୍ର ବିଶ୍ୱନାଥ ବେହେରା, ବିବେକଭାରତୀ ଜ୍ଞାନଦୋୟ ବିଦ୍ୟାଳୟ ଜଗନ୍ନାଥପୁରର ଛାତ୍ର ବିଶ୍ୱଜିତ ସାହୁ, ଚୁଡାମଣି ସରକାରୀ ବିଦ୍ୟାଳୟର ଛାତ୍ରୀ ସୋନମ ସ୍ୱରଜିତ ମଲିକ, ଛାତ୍ରୀ ସ୍ମୃତିରେଖା ମଲିକ, ବିନାୟକପୁର ସରକାରୀ ପ୍ରାଇମେରୀ ବିଦ୍ୟାଳୟର ଛାତ୍ର ଦିବ୍ୟଜ୍ୟୋତି ବେହେରା, ଏସ.ଏସ. ଜେ.ଏସ ସରକାରୀ ପ୍ରାଥମିକ ବିଦ୍ୟାଳୟ ସୁଦର୍ଶନପୁରର ଛାତ୍ର ସୌମ୍ୟ ସାହୁ ଓ ରତାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୁମିତ୍ରା ବିଶ୍ୱାଳ ପ୍ରମୁଖ ଏହି ମେଧା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ଫିନିକ୍ସ ବିଦ୍ୟାଳୟର ଚେୟାରମ୍ୟାନ ଅଭିମନ୍ୟୁ ବେହେରା, ଉପସଭାପତି ସୁଧାଂଶୁ ଶେଖର ମିଶ୍ର, ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ଓ ସଂପାଦକ ଚନ୍ଦ୍ରଶେଖର ବେହେରା ପ୍ରମୁଖ ଏହି ମେଧା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରତ୍ୟେକ ବର୍ଷ ଓଡିଶାର ବିଶିଷ୍ଟ ଶିକ୍ଷାବିତ୍ ଓ କବି ସ୍ୱର୍ଗତ ବଙ୍କିମ ଚନ୍ଦ୍ର ମହାରଣାଙ୍କ ନାମରେ ଏହି ମେଧା ପରୀକ୍ଷା ଫିନିକ୍ସ ବିଦ୍ୟାଳୟରେ ଅନୁଷ୍ଠିତ କରାଯାଉଅଛି ।

# ପୂର୍ବୋତ୍ତରରେ ୮ଟି ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ପାର

## ଗତ ୨୪ ଘଂଟାରେ ୩୨୩୨ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୧୮।୮ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମତଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସିଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୩୨୩୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୦୧,୧୬୬ ରେ ପହଂଚିଛି । ଏଥିମଧ୍ୟରୁ ୬୯,୯୩୦ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୯୮୨ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୩୦,୯୧୬ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୨୯୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୫ ଜଣ ରୋଗୀ ପୂର୍ବୋତର ବାହାରକୁ ଚାଲିଯାଇଛନ୍ତି । ଆସାମରେ ୨୭୯୨ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ରୋଗୀଙ୍କ ସଂଖ୍ୟା ୭୯,୬୬୮ ହୋଇଛି । ୫୬,୭୩୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୫୧୯ ରୋଗୀ ସୁସ୍ଥ ହୋଇଛନ୍ତି । ୨୨,୭୩୩ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୧୯୭ ଜଣଙ୍କ ମୃତ୍ୟୁ ହୋଇଛି । ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି । ତ୍ରିପୁରାରେ ୧୪୩ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୭୨୧୯ ରେ ପହଂଚିଛି । ଗତ ୨୪ ଘଂଟାରେ ୧୩୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ସମୁଦାୟ ୫୨୮୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୮୫୬ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୫୯ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୧୧୮ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୪୬୮୭ ରେ ପହଂଚିଛି । ୨୭୩୪ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୦୨ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୯୩୬ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଏବେ ସୁଦ୍ଧା ୧୭ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି । ନାଗାଲାଣ୍ଡରେ ୬୧ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୪୫୫ ହୋଇଛି । ରାଜ୍ୟରେ ୧୫୩୦ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୦୮ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୯୧୧ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୭ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ଅରୁଣାଚଳ ପ୍ରଦେଶରେ ୪୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୨୭୪୧ ହୋଇଛି । ୧୮୯୩ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୮୪୩ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୫ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୪୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୨୦ ରେ ପହଂଚିଛି । ୬୭୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୭୩୫ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୬ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୧୨ ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୭୮୯ ରେ ପହଂଚିଛି । ୩୭୨ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ଜଣେ ରୋଗୀ ସୁସ୍ଥ ହୋଇଛନ୍ତି । ୪୧୭ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୨ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି । ସିକ୍କିମରେ ୨୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧୮୭ ରେ ପହଂଚିଛି । ୭୦୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୮ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୪୮୫ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

# ରାଜ୍ୟକୁ ଅଧିକ ୟୁରିଆ ସାର ଯୋଗାଇଦେବାକୁ କୃଷିମନ୍ତ୍ରୀଙ୍କ ଦାବି

ଭୁବନେଶ୍ୱର,୧୮।୮ (ନି.ପ୍ର): ଚଳିତ ଖରିଫ ଚାଷ ନିମନ୍ତେ ରାଜ୍ୟକୁ ଅଧିକ ୟୁରିଆ ସାର ଯୋଗାଇଦେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ର ସରକାରଙ୍କ ରାଜ୍ୟ ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ମନସୁଖଭାଇ ମାଣ୍ଡଭିୟ ଭିଡିଓ କନଫରେନସିଂ ଯୋଗେ ରାଜ୍ୟ କୃଷି ମନ୍ତ୍ରୀମାନଙ୍କର ବୈଠକରେ ସାର ଯୋଗାଣର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ମନ୍ତ୍ରୀ ଡଃ ସାହୁ ଯୋଗଦେଇ ଅଗଷ୍ଟ ମାସରେ ବାକି ୟୁରିଆ ସାର ତୁରନ୍ତ ଯୋଗାଇ ଦେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ମନ୍ତ୍ରୀ କହିଥିଲେ ଯେ ଜୁଲାଇ ଦ୍ୱିତୀୟ ସପ୍ତାହଠାରୁ ସେପେଟମ୍ବର ଶେଷ ପର୍ଯ୍ୟନ୍ତ ୟୁରିଆ ସାରର ସର୍ବୋଚ୍ଚ ଚାହିଦା ରହିଥାଏ । ଖରିଫ୍ ଚାଷର ୬୦ ପ୍ରତିଶତ ୟୁରିଆ ଏହି ସମୟରେ ବ୍ୟବହାର ହୋଇଥାଏ । ଭାରତର ପୂର୍ବାଂଚଳରେ କୌଣସି ୟୁରିଆ ଉତ୍ପାଦନ କାରଖାନା ନାହିଁ । ତେଣୁ ଓଡ଼ିଶାକୁ ଉତରାଂଚଳ ଏବଂ ପଶ୍ଚିମାଂଚଳର କାରଖାନାରୁ ୟୁରିଆ ନିମନ୍ତେ ନିର୍ଭର କରିବାକୁ ପଡ଼ିଥାଏ । ୨୦୨୦ ଜୁନ୍ ମାସରେ ରାଜ୍ୟର ୟୁରିଆ ସାର ଚାହିଦା ୭୦ ହଜାର ମେଟ୍ରିକ୍ ଟନ୍ ଥିବାବେଳେ ୫୬ ହଜାର ୨୨୮ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିଲା ଯାହା ଚାହିଦାଠାରୁ ୧୩ ହଜାର ୭୭୨ ମେଟ୍ରିକ୍ ଟନ୍ କମ୍ ଥିଲା । ସେହିପରି ଜୁଲାଇ ମାସରେ ୧୯ ହଜାର ୬୧୯ ମେଟ୍ରିକ୍ ଟନ୍ କମ୍ ସାର ଓଡ଼ିଶାକୁ ଯୋଗାଣ ହୋଇଥିଲା । ଅଗଷ୍ଟ ମାସରେ ରାଜ୍ୟରେ ଏକ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ଥିବାବେଳେ ଅଗଷ୍ଟ ୧୭ ତାରିଖ ସୁଦ୍ଧା ରାଜ୍ୟକୁ ମାତ୍ର ୩୪ ହଜାର ୧୫୦ ମେଟ୍ରିକ୍ ଟନ୍ ଯୋଗାଣ ହୋଇଛି । ଜୁନ୍ ଓ ଜୁଲାଇ ମାସର ନିଅଂଟିଆ ସାର ଯୋଗାଣ ଏବଂ ଅଗଷ୍ଟ ମାସର ବାକି ଅବଧି ପାଇଁ ରାଜ୍ୟରେ ୧ ଲକ୍ଷ ୩ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ରହିଛି । ଓଡ଼ିଶାରେ ଖରିଫରେ ମୁଖ୍ୟତଃ ଧାନଚାଷ କରାଯାଉଥିବା ବେଳେ ଅଧିକ ୟୁରିଆ ସାରର ଆବଶ୍ୟକତା ରହିଛି । ରାଜ୍ୟ ସରକାରଙ୍କ ତରଫରୁ ଇଫକୋ, ଆରସିଏଫ, ଏନ୍‌ଏଲଏଫ ଆଦି ସାର କମ୍ପାନୀଗୁଡ଼ିକ ନିଜସ୍ୱ ଉତ୍ପାଦିତ ସାର ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଥିବା ବେଳେ ରାଜ୍ୟକୁ ବିଦେଶରୁ ଆମଦାନୀ ହେଉଥିବା ୟୁରିଆ ସାର ଉପଲବ୍ଧ ହୋଇନାହିଁ ବୋଲି ମନ୍ତ୍ରୀ ଡଃ ସାହୁ କହିଥିଲେ । ଏହି ପରିପ୍ରେକ୍ଷୀରେ ରାଜ୍ୟକୁ ଇଣ୍ଡିଆନ ପଟାସ ଲିମିଟେଡ ପକ୍ଷରୁ ବିଦେଶରୁ ଆମଦାନୀ ହେଉଥିବା ୟୁରିଆ ସାର ଯୋଗାଇଦେବା ପାଇଁ ମନ୍ତ୍ରୀ ଡଃ ସାହୁ ଅନୁରୋଧ କରିଥିଲେ । ରାଜ୍ୟରେ ୟୁରିଆ ସାର ଖୁଚୁରା ବିକ୍ରୟକୁ କ୍ୟାସ୍‌ଲେସ୍ ଓ ଡିଜିଟାଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଅଦ୍ୟାବଧି ୧୦୦୦ଟି ଖୁଚୁରା ସାର ବିକ୍ରୟ କେନ୍ଦ୍ରକୁ ଡ଼ିଜିଟାଲ କରାଯାଇଛି ବୋଲି ମନ୍ତ୍ରୀ ଡଃ ସାହୁ କହିଥିଲେ । ବୈଠକରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ, ବିଭାଗର ପ୍ରମୁଖ ଶାସନ ସଚିବ ଡଃ ସୌରଭ ଗର୍ଗ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡଃ ଏମ୍. ମୁଥୁକୁମାର ଯୋଗଦେଇଥିଲେ ।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗୀର ଘରୋଇକରଣ ବିରୋଧରେ ସିଆଇଟିୟୁର ପ୍ରତିବାଦ

ଭୁବନେଶ୍ୱର,୧୮।୮ (ନି.ପ୍ର): ସାରା ବିଶ୍ୱରେ କରୋନା ମହାମାରୀରେ କୋଟି କୋଟି ଜନଗଣ ଆକ୍ରାନ୍ତ ହୋଇ ଲକ୍ଷ ଲକ୍ଷ ପ୍ରାଣ ହରାଇ ଥିବା ବେଳେ, କଳକାରଖାନା ବନ୍ଦ ଯୋଗୁ ସାଧାରଣ ଶ୍ରମିକ ବେକାର ହୋଇ ନାହିଁ ନଥିବା ଆର୍ଥିକ ଦୂରାବସ୍ଥାର ଶୀକାର ହେଉଥିବା ବେଳେ, କେନ୍ଦ୍ର ସରକାର ତା ପାଇଁ ଉଚିତ୍ ପଦକ୍ଷେପ ନ ନେଇ ଦେଶର ଲାଭଦାୟକ ରାଷ୍ଟ୍ରାୟତ ସଂସ୍ଥା ତଥା ବିମାନ ଚଳାଚଳ, ବିଏସଏନଏଲ, ଇସ୍ପାତ ନିଗମ, କୋଇଲା, ଖଣିଜ ତୈଳ, ବିଦ୍ୟୁତ ଶିଳ୍ପ, ବ୍ୟାଙ୍କ ଓ ବୀମା ଭଳି ସଂସ୍ଥା ଗୁଡ଼ିକୁ କେନ୍ଦ୍ରର ମୋଦୀ ସରକାର ଦେଶୀ ବିଦେଶରୀ ପୁଂଜି ପତି/ଘରୋଇ ମାଲିକ ମାନଙ୍କ ହାତକୁ ଗୋଡ଼ି ମାଟି ମୂଲ୍ୟରେ ଟେକି ଦେଉଥିବାରୁ ତାହାକୁ ବିରୋଧ କରି ଆଜି ସାରା ଦେଶରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କ ତରଫରୁ ପ୍ରତିବାଦ ଆନ୍ଦୋଳନ ସଂଗଠିତ ହୋଇଯାଇଛି ।

ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥ ସିଆଇଟିୟୁ ରାଜ୍ୟ ଦପ୍ତରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସାଥି ପୁଷ୍ପା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସିଆଇଟିୟୁ ରାଜ୍ୟ ଉପସଭାପତି ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ି, ପ୍ରଭାତ ପାଣିଗ୍ରାହୀ, ପ୍ରଦୀପ ନାୟକ, ରାମଚନ୍ଦ୍ର ତ୍ରିପାଠୀ, ସତ୍ୟ ରଂଜନ ମହାପାତ୍ର ସମତେ ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ୨୫ ଜଣ ସାଥି ସିଆଇଟିୟୁ ବ୍ୟାନର, ପ୍ଲାକାର୍ଡ଼ ଧରି ସାମାଜିକ ଦୂରତା ରକ୍ଷା କରି ସରକାରଙ୍କ ଘରୋଇ କରଣ ନୀତି ବିରୋଧରେ ସ୍ଲୋଗାନ ମାନ ଦେଇ ପ୍ରତିବାଦ କରିଥିଲେ ।

# ମାସ୍କ ନ ପିନ୍ଧିଥିବା କାରଣରୁ ଉତ୍ତରାଖଣ୍ଡରେ ବର୍ତ୍ତମାନ ସୁଦ୍ଧା ହେଲାଣି ୨ ଲକ୍ଷ ଲୋକଙ୍କ ଉପରେ ଜୋରିମାନା

ଦେହରାଦୁନ,୧୮।୮ (ନି.ପ୍ର): ଉତରାଖଂଡ ପୋଲିସ ବର୍ତମାନ ଯାଏ ରାଜ୍ୟରେ ମାସ୍କ ନ ପିନ୍ଧିଥିବା କାରଣରୁ ୨ ଲକ୍ଷ ଲୋକଙ୍କ ଉପରେ ଜୋରିମାନା ଲଗାଇ ସାରିଲାଣି । ସେହିପରି ଲକ ଡାଉନ ନିୟମ ଉଲ୍ଲଂଘନ ନେଇ ପୋଲିସ ବର୍ତମାନ ସୁଦ୍ଧା ୧୧.୩୭ କୋଟି ଟଙ୍କା ଜୋରିମାନା ଆଦାୟ କରିଥିବା ଜଣା ପଡିଛି । ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଶୋକ କୁମାର ମଙ୍ଗଳବାର ଦିନ ଏଠାରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ଏହି ତଥ୍ୟ ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବଙ୍ଗୋପସାଗରରେ...

୨୨ ତାରିଖରେ ଓଡ଼ିଶାର ଅଧିକାଂଶ ଜିଲ୍ଲାର ଅଳ୍ପ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି । ୨୩ ତାରିଖରେ କେନ୍ଦୁଝର, ଅନୁଗୁଳ, ମୟୂରଭଞ୍ଜ, ଢ଼େଙ୍କାନାଳ, ବଲେଶ୍ୱର, ଭଦ୍ରକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହ ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି ।

## ଚାଷୀଙ୍କ ପାଇଁ ଅନେକ ସମ୍ଭାବନାର...

କାର୍ଯ୍ୟରତ । ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି କେବଳ ଚାଷୀଙ୍କ ଉଚିତ୍ ମୂଲ୍ୟ ନିର୍ଦ୍ଧାରଣ କରିନାହିଁ ବରଂ କଠିନ ସମୟରେ ପିଏମ କିଷାନ ଭଳି କୃଷି ନୀତି ସେମାନଙ୍କୁ ସୁବିଧା ମଧ ଦେଇଛି । କରୋନା ମହାମାରୀ ସମୟରେ ଓଡ଼ିଶାର ୩୬.୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଡିବିଟି ଜରିଆରେ ସିଧାସଳଖ ୨ ହଜାର ଟଙ୍କା ପାଇପାରିଛନ୍ତି । ସେହିପରି 'କୃଷକଙ୍କ ପାଇଁ ଗୋଟିଏ ଦେଶ, ଗୋଟିଏ ବଜାର' କେବଳ ଉତ୍ପାଦନକାରୀଙ୍କୁ ସଶକ୍ତ କରିନାହିଁ ବରଂ ଗ୍ରାହକଙ୍କୁ ମଧ ମଜବୁତ୍ କରିଛି । ପ୍ରତିବନ୍ଧକ ମୁକ୍ତ ବାଣିଜ୍ୟ ଚାଷୀଙ୍କୁ ସଠିକ୍ ମୂଲ୍ୟ ଯୋଗାଇବ ଏବଂ ସେମାନେ ନିଜର ଉତ୍ପାଦିତ ସାମଗ୍ରୀକୁ ନିଜ ପସନ୍ଦ ଅନୁସାରେ ବଜାରରେ ବିକ୍ରି କରିପାରିବେ । ମୋଦି ସରକାରଙ୍କ କୃଷି ନୀତି କାରଣରୁ କୁଚିଣ୍ଡା କିମ୍ବା କୋରାପୁଟର ଚାଷୀ ଦେଶର ଯେକୌଣସି ବଜାରରେ ଲଙ୍କା ଏବଂ ଅଦା ବିକ୍ରି କରିବାକୁ ସାମର୍ଥ୍ୟ ହେବ । ଏହାସହ କନ୍ଧମାଳର ଜଣେ ଚାଷୀ ଆମେରିକା ବଜାରରେ ହଳଦୀ ବିକିବାକୁ ମଧ ସକ୍ଷମ ହୋଇପାରିବ । ଏହାବ୍ୟତିତ ଏହି ନୀତି କାରଣରୁ ଓଡିଶାର ଅଧିକାଂଶ ଅଂଚଳର ଚାଷୀମାନେ ମଧ୍ୟ ଲାଭ ପାଇବେ । ଅପରପକ୍ଷରେ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତିଭୂମି ପାଣ୍ଠି ପଣ୍ୟାଗାର, ଶୀତଳ ଭଣ୍ଡାର ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ପରିଚାଳନାରେ ଥିବା ବିପୁଳ ସୁଯୋଗକୁ ସୃଷ୍ଟି କରିବାରେ ସହାୟକ ହେବ । ଏହାସହ ଆମର ଚାଷୀଭାଇ ମାନଙ୍କୁ ଜୈବିକ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପ୍ରସ୍ତୁତି କରିବାରେ ସହଯୋଗ କରିବା ସହ ବିଶ୍ୱରେ ଚାଷୀମାନଙ୍କ ଉପସ୍ଥିତି ଜାହିର କରିବ । କୃଷି ଭିତିଭୂମି ପାଣ୍ଠି କୃଷି କ୍ଷେତ୍ରରେ ଷ୍ଟାଟ-ଅପକୁ ପ୍ରୋତ୍ସାହନ ଦେବା ଦ୍ୱାରା ଏକ ଇକୋସିଷ୍ଟମ ତିଆରି ହେବ । ଏହା ଦ୍ୱାରା ଦେଶର କୋଣ ଅନୁକୋଣରେ ଥିବା ଚାଷୀଙ୍କ ପାଖରେ ଏହି ସୁବିଧା ପହଂଚି ପାରିବ ଏବଂ କୃଷି କ୍ଷେତ୍ରରେ ପ୍ରତିଯୋଗିତାକୁ ମଧ ବଢ଼ାଇବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

## ରାଜ୍ୟରେ ଆଉ ୯ ଜଣଙ୍କର...

ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ, ପାର୍କିନସନ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୬୮ ବର୍ଷ ବୟସ୍କ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଗଂଜାମ ଜିଲ୍ଲାର ଜଣେ ୭୯ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମାଲକାନଗିରି ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି । ସେ ମଧୁମେହ ରୋଗ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ରାୟଗଡା ଜିଲ୍ଲାର ଜଣେ ୬୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୪୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଲକ୍ ଡାଉନ ପାଇଁ ...

ଛାଡୁଥିବା ୦୨୮୦୧ ଭୁବନେଶ୍ୱର -ନୂଆଦିଲ୍ଲୀ ସ୍ୱେସିଆଲ ପୁରୁଷୋତମ ଏକ୍ସପ୍ରେସ ଓ ନୂଆଦିଲ୍ଲୀରୁ ଆସୁଥିବା ୦୨୮୦୨ ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ୱେସିଆଲ ପୁରୁଷୋତମ ଏକ୍ସପ୍ରେସ ୧୯, ୨୦ ଓ ୨୬ ଅଗଷ୍ଟ ରେ ଉଭୟ ଦିଗରୁ ପୁରୁଲିଆ ଓ ହିଜଲୀ ଠାରେ ରହଣି କରିବ ନାହିଁ । ଭୁବନେଶ୍ୱରରୁ ଛାଡୁଥିବା ୦୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ୱେସିଆଲ ରାଜଧାନୀ ଏକ୍ସପ୍ରେସ ୨୦, ୨୧ ଓ ୨୭ ଅଗଷ୍ଟ ରେ ଏବଂ ନୂଆଦିଲ୍ଲୀରୁ ଆସୁଥିବା ୦୨୮୨୪ ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ୱେସିଆଲ ରାଜଧାନୀ ଏକ୍ସପ୍ରେସ ୧୯, ୨୦ ଓ ୨୬ ଅଗଷ୍ଟରେ ଉଭୟ ଦିଗରୁ ହିଜଲୀ ଠାରେ ରହଣି କରିବ ନାହିଁ ।

## କେନ୍ଦ୍ର ସରକାରଙ୍କ...

ସିଟ୍ ପ୍ରମୁଖ ଏଥିରେ ଯୋଗଦେଇ ଲାଭରେ ଚାଲିଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ କେନ୍ଦ୍ର ସରକାର ଘରୋଇକରଣ କରିବା ନେଇ ତୀବ୍ର ସମାଲୋଚନା କରିଥିଲେ । କ୍ଷମତାକୁ ଆସିବା ପୂର୍ବରୁ ୨୦୧୪ ମସିହାରେ ସାଧାରଣ ବେଳେ ଦେଶର ସମ୍ବଳରେ କାହାରିକୁ ହାତ ଲଗାଇବାକୁ ନ ଦେବାର ପ୍ରତିଶ୍ରୁତି ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଦେଶର ସମ୍ପତ୍ତିକୁ ରାଜନୀତି ସହ ସମ୍ପର୍କ ରଖିଥିବା ଶିଳ୍ପ ଉଦ୍ୟୋଗୀଙ୍କ ହାତକୁ ଟେକି ଦେଉଛନ୍ତି ବୋଲି ସେମାନେ କହିଥିଲେ । ଗତ ୬ ବର୍ଷର କ୍ଷମତା ମଧ୍ୟରେ ସରକାର ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ଶିଳ୍ପାନୁଷ୍ଠାନକୁ ସରକାର ଦେଶୀୟ ଓ ବିଦେଶୀ ପୁଞ୍ଜିପତିଙ୍କ ହାତକୁ ଟେକି ଦେଇସାରିଲେଣି । ବିଶେଷ କରି ପ୍ରତିରକ୍ଷା ଶିଳ୍ପ, ରେଳ, ବିମାନ ଚଳାଚଳ, କୋଇଲା, ଇସ୍ପାତ, ଖଣିଜ ସମ୍ପଦ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରକୁ ଏବେ ଘରୋଇକରଣ କରାଯାଇଥିବା ବେଳେ ଆଗାମୀ ଦିନରେ ଦେଶକୁ ବିକ୍ରି ପାଇଁ ସରକାର ଷଡ଼ଯନ୍ତ୍ର ଚଳାଇଥିବା ବକ୍ତାମାନେ କହିଥିଲେ । ଏଭଳି ଦେଶବିରୋଧୀ ଘରୋଇକରଣ ନୀତିରୁ ବିରତ ନହେଲେ ଆଗାମୀ ଦିନରେ ଦେଶର ଶ୍ରମିକ ଶ୍ରେଣୀ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସଂଗଠନମାନଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅନମାନଙ୍କ ମଧ୍ୟରେ ଆବିଦ୍ ଖାନ୍, ଟିପିର ସିଂ, ଦୀନବନ୍ଧୁ ସାହୁ, ମହମ୍ମଦ ଅସଲମ, ରଘୁନାଥ ନାୟକ, ଶରତ ଦାସ, ଭାନୁମତି ନାୟକ, ସୁଧାଂଶୁ ସାହା, ହରେକୃଷ୍ଣ ଦାସ ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ରାଜ୍ୟରେ ବିଭିନ୍ନ ...

ଦେବଗଡ ଜିଲ୍ଲାରେ ୧୩୭, ଢେଙ୍କାନାଳ ଜିଲ୍ଲାରେ ୯୫୯. ଗଜପତି ଜିଲ୍ଲାରେ ୨୩୯୯, ଜଗତସିଂହପୁର ଜିଲ୍ଲାରେ ୧୧୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୨୨୧୫, ଝାରସୁଗୁଡା ଜିଲ୍ଲାରେ ୫୬୬, କଳାହାଣ୍ଡି ଜିଲ୍ଲାରେ ୮୨୮, କନ୍ଧମାଳ ୧୫୬୦, କେନ୍ଦ୍ରାପଡା ଜିଲ୍ଲାରେ ୮୯୫, କେନ୍ଦୁଝର ଜିଲ୍ଲାରେ ୧୨୮୨, ଖୋର୍ଧା ଜିଲ୍ଲାରେ ୮୩୮୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୯୯୩ , ମାଲକାନଗିରି ଜିଲ୍ଲାରେ ୧୪୦୨, ମୟୁରଭଂଜ ଜିଲ୍ଲାରେ ୧୪୮୪. ନବରଙ୍ଗପୁର ଜିଲ୍ଲାରେ ୫୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୧୬୪୦, ନୂଆପଡା ଜିଲ୍ଲାରେ ୨୮୬ , ପୁରୀ ଜିଲ୍ଲାରେ ୧୯୦୦, ରାୟଗଡା ଜିଲ୍ଲାରେ ୨୩୪୬. ସମ୍ବଲପୁର ଜିଲ୍ଲାରେ ୧୫୩୪. ସୁବର୍ଣ୍ଣପୁର ଜିଲ୍ଲାରେ ୩୬୭ ଓ ସୁନ୍ଦରଗଡ ଜିଲ୍ଲାରେ ୩୩୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବିଦ୍ୟୁତ୍ ବିଭାଗ ଘରୋଇକରଣକୁ ବାଲେଶ୍ୱରରେ ବିରୋଧ



ବାଲେଶ୍ୱର,୧୮।୮ (ନି.ପ୍ର): ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଘରୋଇକରଣ ପ୍ରତିବାଦରେ ସମଗ୍ର ଦେଶରେ ବିଜୁଳି କର୍ମଚାରୀ ଓ ଇଂଜିନିୟରମାନେ ବିକ୍ଷୋଭ କରିଥିବା ବେଳେ ବାଲେଶ୍ୱରରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । 'ନ୍ୟାସନାଲ କୋର୍ଡ଼ିନେସନ କମିଟି ଅଫ୍ ଇଲେକ୍ଟ୍ରିସିଟି ଏମ୍ପ୍ଲୋଇଜ୍ ଏଣ୍ଡ ଇଂଜିନିୟର୍ସ' ଆହ୍ୱାନ କ୍ରମେ ଆଜି ସମଗ୍ର ଦେଶରେ ଶକ୍ତି ସୁରକ୍ଷା ଦିବସ ପାଳନ ସାଙ୍ଗକୁ ଇଲେକ୍ଟ୍ରିସିଟି ସଂଶୋଧନ ବିଲ-୨୦୨୦କୁ ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉତ୍ତର-ପୂର୍ବ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଂଜିନିୟ ଓ ଅଫିସର ଏକତା ମଞ୍ଚ ସମେତ ବିଭିନ୍ନ ସଂଗଠନ ଓ ମହାସଂଘର କର୍ମକର୍ତ୍ତା ତଥା ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ । ବିଦ୍ୟୁତ୍ ସଂଶୋଧର ବିଲ୍ ପ୍ରତ୍ୟାହାର, ସେସୁ ବିକ୍ରି ବନ୍ଦ କରିବା, ନେସ୍କୋ, ୱେଇସ୍କୋ, ସାଉଥକୋର ବିକ୍ରି ପ୍ରକ୍ରିୟାରୁ ନିବୃତ ହେବା, କୋଲ ଇଣ୍ଡିଆ ଘରୋଇକରଣ ବାତିଲ କରିବା, ବିଜୁଳି ବ୍ୟବହାରକୁ ମୌଳିକ ଅଧିକାର ଭୁକ୍ତ କରିବା ନେଇ ବାଲେଶ୍ୱର ବିଦ୍ୟୁ ବିଭାଗର ଶ୍ରମିକ କର୍ମଚାରୀ, ଇଂଜିନିୟର୍ସ ଓ ଅଧିକାରୀମାନେ ବକ୍ଷୋଭ କରିଥିଲେ । ସରକାର ନିଷ୍ପତିର ପୁନର୍ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସଂଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

## ଗୋଟିଏ ଦିନରେ ୨୨୩୯ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୬୪୫୩୩କୁ ବୃଦ୍ଧି

ଭୁବନେଶ୍ୱର,୧୮।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୫୩୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୨୩୯ ଜଣଙ୍କ ମଧ୍ୟରୁ ୧୪୧୬ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୮୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୪୧୯ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୨୪୬ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୬ , ବାଲେଶ୍ୱର ଜିଲ୍ଲାରେ ୧୩୦ ଜଣ, ବରଗଡ ଜିଲ୍ଲାରେ ୫୧, ଭଦ୍ରକ ଜିଲ୍ଲାରେ ୭୩, ବଲାଙ୍ଗିର ଜିଲ୍ଲାରେ ୬୬ .ବୌଦ୍ଧ ଜିଲ୍ଲାରେ ୫୩, କଟକ ଜିଲ୍ଲାରେ ୧୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୩୬, ଗଜପତି ଜିଲ୍ଲାରେ ୪୨, ଜଗତସିଂହପୁର ଜିଲ୍ଲାରେ ୨୬, ଯାଜପୁର ଜିଲ୍ଲାରେ ୭୫. ଝାରସୁଗୁଡା ଜିଲ୍ଲାରେ ୧୩, କଳାହାଣ୍ଡି ଜିଲ୍ଲାରେ ୨୧. କନ୍ଧମାଳ ଜିଲ୍ଲାରେ ୯୦, କେନ୍ଦ୍ରାପଡା ଜିଲ୍ଲାରେ ୭ ,କେନ୍ଦୁଝର ଜିଲ୍ଲାରେ ୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୯୧ ଜଣ, ମାଲକାନଗିରି ଜିଲ୍ଲାରେ ୫୫ , ମୟୁରଭଂଜ ଜିଲ୍ଲାରେ ୮୦, ନବରଙ୍ଗପୁରରେ ୧୪, ନୟାଗଡ ଜିଲ୍ଲାରେ ୧୪୭, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୪୦, ରାୟଗଡା ଜିଲ୍ଲାରେ ୧୨୦, ସମ୍ବଲପୁର ଜିଲ୍ଲାରେ ୫୩ ,ସୋନପୁର ଜିଲ୍ଲାରେ ୨୪ ତଥା ସୁନ୍ଦରଗଡ ଜିଲ୍ଲାରେ ୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଦିନକରେ ୧୩୦ଜଣ କରୋନା ପଜିଟିଭ୍ ଚିହ୍ନଟ

### ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୨୨୪୮

ବାଲେଶ୍ୱର,୧୮।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ କାୟା ବିସ୍ତାର କରିଚାଲିଥିବା ମହାମାରୀ କରୋନା ସଂକ୍ରମଣକୁ ନେଇ ଏବେ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୨୪୮ରେ ପହଞ୍ଚିଛି। ଅଦ୍ୟାବଧି ୧୪୨୦ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୧୫ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ତେବେ ଦିନକରେ ଚିହ୍ନଟ ହୋଇଥିବା ୧୩୦ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୨୬ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ସେମାନଙ୍କ ମଧ୍ୟରୁ ସୁନହଟର ୩ ଜଣ ପୁରୁଷ ଓ ଜଣେ ମହିଳା, ପୁରୁଣାବାଲେଶ୍ୱରରୁ ଜଣେ ମହିଳା ଓ ଜଣେ ପୁରୁଷ, ବାରବାଟୀର ଜଣେ ମହିଳା, ରାଜାବଗିଚା ଅଞ୍ଚଳରୁ ଜଣେ ମହିଳା, ମାଣିଖମ୍ବରୁ ଜଣେ ମହିଳା, ମୋତିଗଞ୍ଜରୁ ଜଣେ ପୁରୁଷ ଓ ଜଣେ ମହିଳା, ମଠସାହିରୁ ୨ ଜଣ ପୁରୁଷ ଓ ଜଣେ ମହିଳା, ଗୋପାଳଗାଁର ଜଣେ ପୁରୁଷ ଓ ଜଣେ ମହିଳା, ଟାଉନଥାନାର ଜଣେ ପୁରୁଷ କର୍ମଚାରୀ, ରାଣୀପାଟଣାରୁ ଜଣେ ପୁରୁଷ ଓ ଜଣେ ମହିଳା, ପୁଲିସଲାଇନ୍ ଅଞ୍ଚଳରୁ ୨ ଜଣ ପୁରୁଷ, ଆଇଟିଆଇ ଛକରୁ ଜଣେ ପୁରୁଷ, ଶୋଭାରାମପୁରରୁ ଜଣେ ପୁରୁଷ, କାଦରାବାଦ୍‌ରୁ ଜଣେ ପୁରୁଷ ଏବଂ ଖ୍ୱାଜାବାଗରୁ ଜଣେ ପୁରୁଷ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚିକିତ୍ସା ପାଇଁ ଭୁବନେଶ୍ୱରର ସୋମ ହସପିଟାଲ ଯାଇଥିବା ବାଲେଶ୍ୱରର ୬୨ ବର୍ଷର ପୁରୁଷ ଓ ୫୩ ବର୍ଷର ପୁରୁଷ କରୋନା ପିଜିଟିଭ୍ ଭାବେ ଚିହ୍ନଟ ହୋଇଥିବା ବେଳେ ଏମ୍ସ ହସପିଟାଲ ଯାଇଥିବା ଚଷାଖଣ୍ଡର ଜଣେ ପୁରୁଷ ଓ ଖନ୍ତାପଡ଼ା ଅଞ୍ଚଳର ଜଣେ ପୁରୁଷ ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସେହିଭଳି ସୋର ଅଞ୍ଚଳର ୩୦ ବର୍ଷର ମହିଳା ବେସରକାରୀ ପରୀକ୍ଷଣ ସଂସ୍ଥା ବିପି ଲାବ୍‌ରେ ନମୁନା ଦେଇ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମୟୂରଭଂଜ ଜିଲ୍ଲା କପ୍ତିପଦା ଅଞ୍ଚଳର ଜଣେ ପୁରୁଷ କରୋନା ସଂକ୍ରମିତ ହୋଇଛନ୍ତି। ଅନୁରୂପ ଭାବେ ସଦର ବ୍ଲକରୁ ୯ ଜଣ ପୁରୁଷ, ୮ଜଣ ମହିଳା, ରେମୁଣା ବ୍ଲକରୁ ୨ ଜଣ ପୁରୁଷ ଓ ଜଣେ ମହିଳା, ବାଲିଆପାଳ ବ୍ଲକରୁ ୧୧ ଜଣ ପୁରୁଷ ଓ ୮ଜଣ ମହିଳା, ଜଳେଶ୍ୱର ବ୍ଲକରୁ ୨ ଜଣ ମହିଳା, ବାହାନଗା ବ୍ଲକରୁ ୩ ଜଣ ପୁରୁଷ, ବସ୍ତା ବ୍ଲକରୁ ୮ଜଣ ମହିଳା ଓ ୮ ଜଣ ପୁରୁଷ, ଖଇରା ବ୍ଲକରୁ ୫ ଜଣ ପୁରୁଷ ଓ ଜଣେ ମହିଳା, ସୋର ବ୍ଲକରୁ ୭ ଜଣ ପୁରୁଷ, ନୀଳଗିରି ବ୍ଲକରୁ ୧୭ ଜଣ ପୁରୁଷ ଓ ୬ ଜଣ ମହିଳା, ସିମୁଳିଆ ବ୍ଲକରୁ ୩ ଜଣ ପୁରୁଷ, ଔପଦା ବ୍ଲକରୁ ଜଣେ ପୁରୁଷ କରୋନା ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ତେବେ ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତିର ପ୍ରତିବାଦ

### ଏଆଇଟିୟୁସି ପକ୍ଷରୁ ବାଲେଶ୍ୱରରେ ବିକ୍ଷୋଭ




ବାଲେଶ୍ୱର,୧୮।୮ (ନି.ପ୍ର): ରାଷ୍ଟ୍ରାୟାତ୍ତ ଉଦ୍ୟୋଗ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତି ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଆଜି ଦେଶବ୍ୟାପୀ ବିକ୍ଷୋଭ କରିଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି। ନ୍ୟାସନାଲ ହକର୍ସ ଫେଡ଼େରେସନ, ଓଡ଼ିଶା ପଥବିକ୍ରେତା ସଂଘ ଓ ଶ୍ରମିକ ସଂଗଠନ ଏଆଇଟିୟୁସି ପକ୍ଷରୁ ମିଳିତ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଏଆଇଟିୟୁସିର ଜାତୀୟ ପରିଷଦ ସଦସ୍ୟ ତଥା ନ୍ୟାସନାଲ ହକର୍ସ ଫେଡ଼େରେସନର ଅତିରିକ୍ତ ସାଧାରଣ ସମ୍ପାଦକ ଜୟନ୍ତ ଦାସ, ଏଆଇଟିୟୁସି ରାଜ୍ୟ ପରିଷଦ ସଦସ୍ୟା ପ୍ରତିଭା ପାଲ, ଆଇନଜୀବୀ ମନୋଜ ନାୟକ, ଯୁବନେତା ତପନ କୁମାର

▶▶ପୃଷ୍ଠା ୭

# ସାହିତ୍ୟରେ ଦେବଯାନୀ-ଅଏନାଙ୍କିତାଙ୍କୁ ବିଶ୍ୱସ୍ତରୀୟ ସମ୍ମାନ





ବାଲେଶ୍ୱର,୧୮।୮ (ନି.ପ୍ର): ଚଳିତ ସ୍ୱାଧୀନତା ଦିବସ ଅବସରରେ ୱାର୍ଲ୍ଡ ମୋଷ୍ଟ ଏକ୍ଟିଭ୍ ରାଇଟର୍ସ ଫୋରମ ଓ ଗୁଜରାଟ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅନଲାଇନ୍ ସାହିତ୍ୟ-କବିତା ପ୍ରତିଯୋଗିତାରେ ବାଲେଶ୍ୱରର ଦେବଯାନୀ ଦାସ ତାଙ୍କ କନ୍ୟା ଅଏନାଙ୍କିତା ଦାସ ସମ୍ମାନିତ ହେବା ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବର ବିଷୟ ହୋଇଛି। ଉଭୟ ଇଂରାଜୀ ଓ ହିନ୍ଦୀରେ କବିତା ତଥା ଗଳ୍ପ ଲେଖି ସେମାନେ ପୋର୍ଟାଲରେ ପୋଷ୍ଟ କରିଥିଲେ। ସେମାନଙ୍କ ସାହିତ୍ୟକୃତିକୁ ଅଧିକ ପାଠକୀୟ ସ୍ୱୀକୃତି ଓ ଶ୍ରଦ୍ଧା ମିଳିଥିବା କାରଣରୁ ସେମାନେ ସମ୍ମାନିତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ବିଶ୍ୱର ୮୦ ଗୋଟି ରାଷ୍ଟ୍ରରୁ ୩୫୦ ଜଣ ପ୍ରତିଭାବାନ୍ କବି ଓ ଲେଖକଙ୍କୁ ସମ୍ମାନିତ କରାଯାଇଛି। ତନ୍ମଧ୍ୟରୁ କେବଳ ଭାରତରେ ୧୦୫ ଜଣ ଥିବା ବେଳେ ଅନ୍ୟାନ୍ୟ ଦେଶରୁ ୨୪୫ ଜଣ ଥିବା ଜଣାପଡ଼ିଛି। ବାଲେଶ୍ୱର ମାଟିର ଝିଅ ଭାବେ ଦେବଯାନୀ ଓ ତାଙ୍କ କନ୍ୟା ଅଏନାଙ୍କିତାଙ୍କର ଏହି ସଫଳତାକୁ ନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଦେବଯାନୀ ଦୀର୍ଘବର୍ଷ ଧରି ଓଡ଼ିଆ ସମେତ ଇଂରାଜୀ ଓ ହିନ୍ଦୀ ସାହିତ୍ୟରେ ସାଧନା ଜାରି ରଖିଥିବା ବେଳେ ଅଏନାଙ୍କିତା ମଧ୍ୟ ମାଆଙ୍କ ପଦାଙ୍କ ଅନୁସରଣ କରିଥିଲେ। ଉଭୟଙ୍କର ଲେଖାକୁ ଅଧିକ ପାଠକୀୟ ଶ୍ରଦ୍ଧା ମିଳଥିବା ଯୋଗୁଁ ତାଙ୍କୁ ସମ୍ମାନିତ କରାଯାଇଛି। ଅଏନାଙ୍କିତା ଚଳିତ ବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

### କରୋନା ରୋଗୀଙ୍କ ପାଇଁ ଆଶାର କିରଣ

# ବାଲେଶ୍ୱରରେ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟିତ



ବାଲେଶ୍ୱର,୧୮।୮ (ନି.ପ୍ର): ସଂକଟାପନ୍ନ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱରରେ ଆଜି ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥିତ ରକ୍ତଭଣ୍ଡାରରେ ସ୍ଥାପିତ ଏହି ପ୍ଲାଜମା ବ୍ୟାଙ୍କ ଆଜି ଉଦ୍‌ଘାଟିତ ହୋଇଥିଲା। ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ରାଜ୍ୟ ସରକାରଙ୍କ ଏହି ଯୋଜନା କରୋନା ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ୍ ଜଗଦେବ ଓ ଏଡିଏମଓ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ଲାଜମା ବ୍ୟାଙ୍କର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ତର ଓଡ଼ିଶାର ଏହି ପ୍ରଥମ ପ୍ଲାଜମା ବ୍ୟାଙ୍କ ଦ୍ୱାରା ବାଲେଶ୍ୱର, ଭଦ୍ରକ ଓ ମୟୂରଭଂଜ ଜିଲ୍ଲାର କରୋନା ରୋଗୀ ବିଶେଷ ଭାବେ ଉପକୃତ ହୋଇ ପାରିବେ ବୋଲି ସିଡିଏମଓ ଡାକ୍ତର ଜଗଦେବ କହିଥିଲେ। ଏହି ବ୍ୟାଙ୍କରେ ୨ ଟି ଚ୍ୟାମ୍ବରରେ ୨ ଶହ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ରହିପାରିବ ବୋଲି ସେ ସୂଚନା ଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତରଙ୍କ ସମେତ ବହୁ ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

### ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୮।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୪୬ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୫୨୫୬ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୫୩୬, ବାଲେଶ୍ୱର ଜିଲ୍ଲାରେ ୨୨୪୮, ବରଗଡ ଜିଲ୍ଲାରେ ୯୩୪, ଭଦ୍ରକ ଜିଲ୍ଲାରେ ୧୬୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୦୧୦ . ବୌଦ୍ଧ ଜିଲ୍ଲାରେ ୪୮୨, କଟକ ଜିଲ୍ଲାରେ ୪୨୪୭,

▶▶ପୃଷ୍ଠା ୭

# ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗର ଚଢ଼ାଉ: ଦେଶୀ ରନ୍ଧାମଦ, ପୋଚ ଓ ରନ୍ଧା ସାମଗ୍ରୀ ଜବତ



ରାୟଗଡ଼ ,୧୮।୮ (ନି.ପ୍ର): ଲକ୍‌ଡାଉନ୍ ସମୟରେ ରାୟଗଡ଼ା ଜିଲ୍ଲାରେ ବେଆଇନ୍ ଚୋରା ମଦ କାରବାରକୁ ରୋକିବା ପାଇଁ ରାୟଗଡ଼ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଜିଲ୍ଲା ଅବକାରୀ ବିଭାଗକୁ ଏ ଦିଗରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଫଳରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ଆଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଅବକାରୀ ଥାନା ଅଞ୍ଚଳରେ ବିଭାଗୀୟ ଅଧିକାରୀମାନେ ସଦଳବଳ ନେଇ ବ୍ୟାପକ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ରନ୍ଧାମଦ, ମହୁଲ ପୋଚ, ସଲଫ୍ ତାଡି ସହ ମଦ ରନ୍ଧା ସାମଗ୍ରୀ ଜବତ ଓ ନଷ୍ଟ କରିଥିବା ବେଳେ ଜିଲ୍ଲାରେ ଚୋରାମଦ କାରବାରକୁ ରୋକିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଗତ ତା ୧୨.୯.୨୦ରିଖ ଦିନଠାରୁ ତା ୧୭.୮.୨୦ରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚମାଉ ଜାରି ରଖିଛନ୍ତି । ଗତ ୧୨.୮.୨୦ ତାରିଖ ଦିନ ଚାନ୍ଦିଲ ଥାନା ଅନ୍ତର୍ଗତ ଆର୍ବି ଓ ସାନଗୁମୁଡ଼ା ଗ୍ରାମରେ ଅବକାରୀ ଉପନିରୀକ୍ଷକ ଶ୍ରୀ ସୂର୍ଯ୍ୟ ନାରାୟଣ ରଥଙ୍କ ନେତୃତ୍ୱରେ ଅବକାରୀ ଦଳ ଚଢ଼ାଉ କରି ୯୦୦ଲିଟର ପୋଚ ଓ ୩୫ ଲିଟର ଦେଶୀମଦ ଜବତ କରି ନଷ୍ଟ କରିବା ସହ ଗୋଟିଏ କେସ ରୁଜୁ କରିଛନ୍ତି । ସେହିପରି ଗତ ୧୩ତାରିଖ ଦିନ ବିଷମ କଟକ ଥାନା ଅନ୍ତର୍ଗତ ଡୁମାର ନେଳି ଗ୍ରାମରେ ଚଢ଼ଉ କରି ୪୦୦ ଲିଟର ମହୁଲ ପୋଛ ସାଙ୍ଗକୁ ୨୦ ଲିଟର ଦେଶୀ ମଦ ଜବତ କରିଥିଲେ । ସେହିପରି ଗୁଣପୁର ଥାନା ଅନ୍ତର୍ଗତ ଓକିଲଗୁଡ଼ା ଗ୍ରାମରୁ ୨୭୦ ଲିଟର ମହୁଲ ପୋଛ ଓ ୪୦ ଲିଟର ଦେଶୀ ରନ୍ଧାମଦ ଜବତ କରି ଗୋଟିଏ ଅବକାରୀ କେସ୍ ରୁଜୁ କରିଥିଲେ । ସେହିପରି ରାୟଗଡ଼ା ଅବକାରୀ ମୋବାଇଲ୍ ଟିମ୍ ଉପନିରୀକ୍ଷକ ଚାନ୍ଦିଲ ଥାନା ଅନ୍ତର୍ଗତ କନ୍ଧ ମାଲିଗାଁରେ ଚଢ଼ଉ କରି ୨୪୫୦ଲିଟର ମହୁଲ ପୋଛ ଓ ୨୬୦ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ନଷ୍ଟ କରିଥିଲେ । ସେହିପରି ଗତ ୧୪ତାରିଖ ଦିନ ଗୁଣପୁର ଥାନା ଅନ୍ତର୍ଗତ ଶିରିଝୋଲି ଗ୍ରାମରେ ଅବକାରୀ ଉପନିରୀକ୍ଷକ ଗୁଣପୁର ଚଢ଼ାଉ କରି ୨୦ଲିଟର ମଦ ସହିତ ବିମଳା ନାମକ ମହିଳାଙ୍କୁ ଗିରଫ୍ କରିଥିଲେ । ସେହିପରି ଗତ ୧୬ ତାରିଖ ଦିନ ରାୟଗଡ଼ା ଅବକାରୀ ଉପନିରୀକ୍ଷକଙ୍କ ନେତୃତ୍ୱରେ ଚାନ୍ଦଲି ଥାନା ଅନ୍ତର୍ଗତ ଗୁଡ଼ାରୀର ଲେଳିବାଡ଼ି ଓ ପିଣ୍ଡାପଦର ଗ୍ରାମରେ ନାଳରେ ଚଢ଼ାଉ କରାଯିବା ସହ ୬୫୦ ଲିଟର ପୋଛ ଓ ୮୦ଲିଟର ମଦ ଓ ୧୨୦୦ ଲିଟର ପୋଛ ୨୪୫ ଲିଟର ଦେଶୀମଦ ସହ ରନ୍ଧା ସାମଗ୍ରୀ ଜବତ କରିବା ସହ ନଷ୍ଟ କରିଥିଲେ । ସେହିପରି ଗୁଣପୁର ଥାନା ଅନ୍ତର୍ଗତ ରୋଜଳଦଙ୍ଗ ଗ୍ରାମରେ ଚଢ଼ାଉ କରି ୧୪୦୦ ଲିଟର ପୋଛ ଜବତ କରିଥିଲେ । ଗତ ୧୭ତାରିଖ ଦିନ ଗୁଣପୁରର ଥାନା ଅନ୍ତର୍ଗତ ପୁରୁଣା ଗୁଣୁପୁର ଚଢ଼ାଉ କରି ୨୦୦ ଲିଟର ପୋଛ ନଷ୍ଟ କରିଥିଲେ ଓ ପୁଟାସିଙ୍ଗ ଥାନା ଅନ୍ତର୍ଗତ ଲୋବା ଗ୍ରାମରେ ଚଢ଼ାଉ କରି ମଧୁସୂଦନ ଶବର ଓ ପ୍ରକାଶ ନାଗ ନାମକ ଦୁଇ ଜଣ ବ୍ୟକ୍ତିଙ୍କୁ ମଟର ସାଇକେଲ୍ ସହିତ ଗିରଫ୍ କରିଥିବା ନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

# ଜମିଜମା ଗଣ୍ଡଗୋଳକୁ କେନ୍ଦ୍ରକରି ସଂପର୍କୀୟମାନେ ଭାଂଗିଲେ ଆବାସ ଯୋଜନା ଘର : ଥାନାରେ ମାମଲା



ଜଳେଶ୍ୱର,୧୮।୮ (ନି.ପ୍ର): ଘରୋଇ ଜମିର ଭାଗ ବଣ୍ଟରାକୁ ନେଇ ପରିବାରର ପ୍ରତିପକ୍ଷମାନେ ଜନୈକ ମହିଳାଙ୍କ ବିବାହିତ ଝିଅକୁ ମାରଧର କରିବା, ରାସ୍ତାରେ ଘୋଷାରିବା ଇତ୍ୟାଦିକୁ ନେଇ ରାଇବଣିଆ ଥାନାରେ ଏକ ମାମଲା ରୁଜୁ ହୋଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗାଁର ପ୍ରମିଳା ବିଶ୍ୱାଳଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଏକ ଘର ମିଳିଥିଲା। ତାଙ୍କ ପୈତୃକ ସମ୍ପତ୍ତି ଗ୍ରାମ୍ୟବିଚାରକ ମାନଙ୍କ ଦ୍ୱାରା ବଣ୍ଟରା ହୋଇ ଯେ ଯାହାର ଅଂଶ ଭୋଗ ଦଖଲ କରିଆସୁଥିଲେ । ପ୍ରମିଳା ବିଶ୍ୱାଳ ତାଙ୍କ ଅଂଶ ସ୍ଥାନରେ ଆବାସ ଯୋଜନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । କିନ୍ତୁ ତାଙ୍କର ପ୍ରତିପକ୍ଷମାନେ ସଂଘବଦ୍ଧ ହୋଇ ଗତ ଶନିବାର ନିର୍ମାଣାଧିନ ଗୃହର ଇଟାକାନ୍ଥ ଭାଂଗି ଦେଇଥିଲେ । ଉକ୍ତଦିନ ପ୍ରମିଳାଙ୍କ ବିବାହିତ ଝିଅ ରାଇବଣିଆର ନଟାବାଡ ଗାଁର ସଂଜୟ ଘୋଷଙ୍କ ସ୍ତ୍ରୀ ତୁଳସୀ ବାପଘରକୁ ଆସିଥିବା ବେଳେ ଏହି ଘଟଣାରେ ପ୍ରତିବାଦ କରିଥିଲା । କିନ୍ତୁ ପ୍ରତିପକ୍ଷ ନିରନ ବିଶ୍ୱାଳ, ମୃତ୍ୟୁୟ ବିଶ୍ୱାଳ, ବାଦଲ ବିଶ୍ୱାଳ, ଦିପକ ବିଶ୍ୱାଳ, ବିଦ୍ଧେଶ୍ୱର ବିଶ୍ୱାଳ, ରୀନା ବିଶ୍ୱାଳ ଓ ଘରର ଅନ୍ୟସ୍ତ୍ରୀ ଲୋକମାନେ ତୁଳସୀକୁ ମାରଧର, ରାସ୍ତାରେ ଘୋଷଣା ସହିତ ସେ ବ୍ୟବହାର କରୁଥିବା ଅଳଙ୍କାର ଛଡାଇ ନେଇଥିବାର ତୁଳସୀ ଘୋଷ ଥାନାରେ ଅଭିଯୋଗ କରିଛି । ଏପରି ଘଟଣାରେ ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି ।

## ୨୮ ଜିଲ୍ଲାରୁ ସୁସ୍ଥ ହେଲେ ୧୫୩୫

ଭୁବନେଶ୍ୱର,୧୮।୮ (ନି.ପ୍ର): ରାଜ୍ୟର ୨୮ଟି ଜିଲ୍ଲାରୁ ମଙ୍ଗଳବାର ୧୫୩୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪୫ ହଜାର ୩୧୪ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବଭାଗ ପକ୍ଷରୁ ଟୁଇଟ ଜରିଆରେ ଦିଆଯାଇଥିବା ସୂଚନା ଅନୁସାରେ ମଙ୍ଗଳବାର ଦିନ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୮୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରୁ ୧୭୮ ଜଣ, ଗଂଜାମ ଜିଲ୍ଲାରୁ ୧୫୬ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୫ ଜଣ, ପୁରୀ ଜିଲ୍ଲାରୁ ୯୬ ଜଣ, କଟକ ଜିଲ୍ଲାରୁ ୮୪ ଜଣ, କୋରାପୁଟ ଜିଲ୍ଲାରୁ ୭୩ ଜଣ, ବରଗଡ଼ ଜିଲ୍ଲାରୁ ୭୦ ଜଣ, ନୟାଗଡ଼ ଜିଲ୍ଲାରୁ ୬୩ ଜଣ, ମାଲକାନଗିରି ଜିଲ୍ଲାରୁ ୫୮ ଜଣ ଓ ବାଲେଶ୍ୱର ଜିଲ୍ଲାରୁ ୫୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲାରୁ ୪୭ ଜଣ, ଭଦ୍ରକ ଜିଲ୍ଲାରୁ ୪୨ ଜଣ, ଯାଜପୁର ଜିଲ୍ଲାରୁ ୩୯ ଜଣ, ଗଜପତି ଜିଲ୍ଲାରୁ ୨୭ ଜଣ, କେନ୍ଦ୍ରାପଡ଼ା, ସମ୍ବଲପୁରରୁ ୨୦-୨୦ ଜଣ, ମୟୂରଭଂଜ, କେନ୍ଦୁଝର ଜିଲ୍ଲାରୁ ୧୭ ଜଣ ଲେଖାଏଁ, ରାୟଗଡ଼ାରୁ ୧୪ ଜଣ, ନବରଙ୍ଗପୁରରୁ ୧୩ ଜଣ, ବଲାଙ୍ଗୀର, ବୌଦ୍ଧରୁ ୭ ଜଣ ଲେଖାଏଁ, ଜଗତସିଂହପୁରରୁ ୬ ଜଣ, ନୂଆପଡ଼ାରୁ ୨ ଜଣ ଓ ସୁବର୍ଣ୍ଣପୁରରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୫୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୮।୮ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ଗତ ୧୫୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୫୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo